## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ, ୧୭।୬:** ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ରାମେଶ୍ୱରନଗର ଅଞ୍ଚଳର ଶ୍ରୀଲିପ୍ସା ପ୍ରିୟଦର୍ଶିନୀ ଜେନା (୧୯) ନାମ୍ନୀ ଜଣେ ଯୁବତୀ ସୋମବାର ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଉଦ୍ଧାର କରିଛି। ଘରେ କେହି ନ ଥିବାବେଳେ ସେ ବେକରେ ଲୁଗା ବାନ୍ଧି ଶୋଇବା ଘରେ ଫ୍ୟାନ୍‌ରେ ଫାଶୀ ଦେଇଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଯୁବତୀ ଜଣକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶ୍ରୀଲିପ୍ସା ସୁଲଗ୍ନା ରେସିଡେନ୍‌ସିଆଲ କଲେଜର ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ଥିଲେ।

### ବିଭିନ୍ନ ସ୍ଥାନରେ ରଜକେଶ୍ୱରଙ୍କ ପୂଜାର୍ଚ୍ଚନା

**ଖଇରା, ୧୭।୬(ଡି.ଏନ୍.ଏ.):** ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ରଜକେଶ୍ୱରଙ୍କ ପୂଜାର୍ଚ୍ଚନା ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାରଡାଙ୍ଗ ପଞ୍ଚାୟତ ଅଧୀନ ଭୁଆଁଳଗଡିଆ ଗ୍ରାମରେ ୧୦୦ ବର୍ଷରୁ ଚାଲିଆସୁଥିବା ଏହି ପୂଜା ୩ଦିନ ଧରି ଆୟୋଜିତ ହୋଇଯାଇଛି। ସୂର୍ଯ୍ୟମଣି ବେହେରା ଓ ଟୁନି ବେହେରାଙ୍କ ଦ୍ୱାରା କଳସ ଅଣାଯାଇଥିଲା। ପୂଜକ ଶରତ ପଣ୍ଡାଙ୍କ ଦ୍ୱାରା ଲକ୍ଷ୍ମୀନାରାୟଣଙ୍କ ପୂଜା ଓ ଯଜ୍ଞାଦି କର୍ମ ସମ୍ପନ୍ନ ହୋଇଥିଲା। ପହଲି ବେହେରା, ଅଚ୍ୟୁତ ବେହେରା, ଗଜେନ୍ଦ୍ର ବେହେରା, ସୁଶାନ୍ତ ବେହେରା, କାଶୀନାଥ ଲେଙ୍କା, ନିଗମାନନ୍ଦ ବେହେରା ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ଏହାଛଡ଼ା ବ୍ଲକର ସିମୁଳିଆ, ନହଙ୍ଗ, ବଣସାହି, ଗୋଳିହା ଆଦି ସ୍ଥାନରେ ଏହି ପୂଜା ପାଳିତ ହୋଇଛି।

### କୁରାଢ଼ିହାରେ ସମ୍ବର୍ଦ୍ଧନା ସଭା



**ରୂପ୍‌ସା, ୧୭।୬(ଡି.ଏନ.ଏ.):** ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତଙ୍କୁ କୁରାଢ଼ିହା ପଞ୍ଚାୟତ ଭାଜପା ପକ୍ଷରୁ ରବିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ହଳଦୀପଦା ବାଇପାସ୍‌ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବିଧାୟକ ଦତ୍ତଙ୍କୁ ନିଆଯାଇଥିଲା। କୋଇଲିସାହିଠାରେ ପଞ୍ଚାୟତ ସଭାପତି ସଦାଶିବ ଜେନାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଦତ୍ତ ସମସ୍ତ ଜନସାଧାରଣଙ୍କ ସାମଗ୍ରିକ ବିକାଶ ସହ ଗ୍ରାମାଞ୍ଚଳରେ ମୌଳିକ ସୁବିଧା ସୁଯୋଗର ବ୍ୟବସ୍ଥା ସୁନିଶ୍ଚିତ ହେବ ବୋଲି ବକ୍ତବ୍ୟରେ କହିଥିଲେ। ବିଧାୟକ ଦତ୍ତଙ୍କ ସହ ମିଡ଼ିଆପ୍ରଭାରୀ ଗୌରାଙ୍ଗ ଦାସ ଓ ଜିଲା ଉପ-ସଭାପତି ଗଙ୍ଗାଧର ରାଉତ ଯୋଗଦେଇ ବିଧାୟକଙ୍କ ବିଜୟ ପାଇଁ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ରୂପ୍‌ସା ମଣ୍ଡଳ ସଭାପତି ତପନ ଗିରି ଓ ସାଧାରଣ ସମ୍ପାଦକ କାର୍ତ୍ତିକ ପ୍ରଧାନ, ସରପଞ୍ଚ ରଶ୍ମିତା ସିଂ, ଜିଲା ହରିଜନ ମୋର୍ଚ୍ଚା ସାଧାରଣ ସମ୍ପାଦକ ସର୍ବେଶ୍ୱର ସେଠୀ, ୱାର୍ଡ଼ସଭ୍ୟ ବିକର୍ତ୍ତନ ବାରିକ, ନାଏବ ସରପଞ୍ଚ ଗୀତାଞ୍ଜଳି ଧଳ, ଉପସଭାପତି ପୁରୁଷୋତ୍ତମ ବାରିକଙ୍କ ସମେତ ଶତାଧିକ ମହିଳାପୁରୁଷ ଏହି ସଭାରେ ଯୋଗଦେଇଥିଲେ।

### ଆଦର୍ଶ ଗୁରୁଙ୍କୁ ସମ୍ବର୍ଦ୍ଧନା

**ନୀଳଗିରି, ୧୭।୬(ଡି.ଏନ.ଏ.):** ନୀଳଗିରି ଥାନା ସନ୍ତରାଗଡିଆ ହାଇସ୍କୁଲ ପରିସରରେ ୧୯୯୪ ବ୍ୟାଚର ପ୍ରାକ୍ତନ ଛାତ୍ରଙ୍କୁ ନେଇ ବନ୍ଧୁମିଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଆଦର୍ଶ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନିମନ୍ତ୍ରିତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ନାୟକଙ୍କ ସମେତ ବିଶ୍ୱନାଥ ଦାସ, ପ୍ରାଣବନ୍ଧୁ ଜେନା, ରାଧାକୃଷ୍ଣ ଦାଶ, ରବିନାରାୟଣ ପାଣିଗ୍ରାହୀ, ନରେନ୍ଦ୍ର ପଣ୍ଡା, ଉପେନ୍ଦ୍ର ରାଉତ, ରାଧାଗୋବିନ୍ଦ ପଣ୍ଡା, ଉମାକାନ୍ତ ମଲିକ, ପ୍ରଭାତ ଚନ୍ଦ୍ର କର, ବିନୋଦିନୀ ସାହୁ ,ରତ୍ନାକର ବେହେରା ଓ ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖଙ୍କୁ ଆଦର୍ଶ ଗୁରୁ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ପ୍ରାକ୍ତନ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

# ନାଗାଲାଣ୍ଡରୁ ଫେରିଲେ ୭ ନିର୍ଯାତିତ ଶ୍ରମିକ

**ନୀଳଗିରି, ୧୭।୬(ଡି.ଏନ.ଏ.)**

ନାଗାଲାଣ୍ଡକୁ ଦାଦନ ଖଟିବାକୁ ଯାଇଥିବା ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ବିଭିନ୍ନ ଗାଁର ୭ଜଣ ଶ୍ରମିକ ସୋମବାର ଗାଁକୁ ଫେରିଛନ୍ତି। ସେଠାରେ ସେମାନେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ଶ୍ରମିକମାନେ ଫେରିଥିବା ସ୍ଥାନୀୟ ସହକାରୀ ଶ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି। ଉକ୍ତ ଶ୍ରମିକମାନେ ହେଲେ ତେଲିପାଳ ପଞ୍ଚାୟତର ଚନ୍ଦନସାହି ଗାଁର ଛୁଟରାୟ ମାଝି (୨୨), ଭୁଜୁ ମାରାଣ୍ଡି(୨୧), ଜାମୁଡିହା ପଞ୍ଚାୟତ ରାଜସ୍ୱ ଗାଁର ଚନ୍ଦୁ ମୁଖୀ(୧୯), ଦୀପକ ମୁଖୀ(୨୦), ଭୁଲଗଡିଆ ଗାଁର ପରେଶ ମାଝି(୧୮), ମଙ୍ଗଳ ମାଝି(୧୯) ଓ ଛତ୍ରପୁର ପଞ୍ଚାୟତ ରାଜସ୍ୱ ଗାଁର ଶଙ୍କର ହେମ୍ବ୍ରମ (୧୯)।

କେନ୍ଦ୍ରାପଡା ଜିଲା ରାଜକନିକା ଅଞ୍ଚଳର ରଞ୍ଜନ ଜେନା ନାମକ ଦଲାଲ ସ୍ଥାନୀୟ ବ୍ଲକର ବେକାର ଯୁବକଙ୍କୁ ବାହାର ରାଜ୍ୟରେ ଅଧିକ ଦରମା ଦେବାର ପ୍ରଲୋଭନ ଦେଖାଇ ନାଗାଲାଣ୍ଡର ଡିନପୁର ଅଞ୍ଚଳର କୌଣସି କମ୍ପାନୀରେ ରଖାଇ ଦେଇଥିଲେ। କମ୍ପାନୀରେ ଶ୍ରମିକଙ୍କୁ ନିର୍ଯାତନା ଦେବା ସହ ଘରକୁ ନ ଛାଡିବାରୁ ଯୁବକମାନେ ପରିବାର ଲୋକଙ୍କୁ ଫୋନରେ ଜଣାଇଥିଲେ। ପରିବାର ଲୋକ ମେ' ୨୫ ତାରିଖରେ ସ୍ଥାନୀୟ ସହକାରୀ ଶ୍ରମ ଅଧିକାରୀଙ୍କ ନିକଟରେ ଦଲାଲ ରଞ୍ଜନ ଜେନାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏନେଇ ଶ୍ରମ ଅଧିକାରୀ ୧୦ଦିନ ଭିତରେ ନିର୍ଯାତିତ ଶ୍ରମିକଙ୍କୁ ଛାଡିଦେବା ପାଇଁ ଦଲାଲଙ୍କୁ ନୋଟିସ ଜାରି କରିଥିଲେ। ଶୁକ୍ରବାର ୭ଜଣ ଶ୍ରମିକ ଆସି ସେମାନଙ୍କ ଘରେ ପହଞ୍ଚିଥିଲେ। ପୂର୍ବାହ୍ନରେ ସହକାରୀ ଶ୍ରମ ଅଧିକାରୀ ଫେରନ୍ତା ଶ୍ରମିକଙ୍କ ବୟାନ ରେକର୍ଡ କରିଥିଲେ। ଶ୍ରମିକମାନେ ପାଇ ନ ଥିବା ପାରିଶ୍ରମିକ ବାବଦ ଅଭିଯୋଗ କଲେ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ଅଧିକାରୀ ସାହୁ କହିଛନ୍ତି।

## ସରିଲା ସୁନ୍ଦରପୁର ରଜ ମହୋତ୍ସବ
# ଜୁନିୟରରେ ପ୍ରିୟଙ୍କା, ସିନିୟରରେ ଗାୟତ୍ରୀ ରଜକୁଇନ

**ଖଇରା, ୧୭।୬(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ସୁନ୍ଦରପୁରଠାରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ବ୍ଲକସ୍ତରୀୟ ରଜ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଜୁନିୟରରେ ପ୍ରିୟଙ୍କା ପ୍ରିୟଦର୍ଶନୀ ହାତୀ ଓ ସିନିୟରରେ ଗାୟତ୍ରୀ କଳାପାହାଡ ରଜ କୁଇନ ମୁକୁଟ ପିନ୍ଧିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଉଭୟ କୁଇନଙ୍କୁ ୫ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ମହୋତ୍ସବ କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶାର ସଂସ୍କୃତିରେ ରଜପର୍ବର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଖଇରା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ଖଇରା ସରପଞ୍ଚ ସୁଦର୍ଶନ ସେଠୀ, ସୁରେନ୍ଦ୍ର ପ୍ରସାଦ ସାହୁ, ଜୟନ୍ତୀ ମହଲା, ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଜୁନିୟରରେ ରନର୍ସ ଅପ ଭାବେ ମାନ୍ୟତା ମଣ୍ଡଳ, ଜାଗୃତି ବିଶ୍ୱାଳ, ଗାୟତ୍ରୀ ଜେନା ସିନିୟର ରନର୍ସ ଭାବେ ଗାୟତ୍ରୀ କଳାପାହାଡ, ଜ୍ୟୋତ୍ସ୍ନାରାଣୀ ଜେନା, ବିସ୍ମୟୀ ସ, ଆକାଂକ୍ଷା ରାଉତଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ପୁଚି, ମେହେନ୍ଦି, ମ୍ୟୁଜିକ ଚେୟାର, ଶଙ୍ଖ, କ୍ୟାରମ, ଚେସରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଓଡିଶା ସଂସ୍କୃତି ବିଭାଗ ପ୍ରଦତ୍ତ ବଲାଙ୍ଗୀରର ରଙ୍ଗ ଢୋଲ ଦର୍ଶକଙ୍କ ମନ ଛୁଇଁଥିଲା। ରଜ ମହୋତ୍ସବ କମିଟିର ସମସ୍ତ ସଭ୍ୟ ୪ଦିନିଆ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଜୁନିୟର ରଜ କୁଇନ ପ୍ରିୟଙ୍କା ପ୍ରିୟଦର୍ଶନୀଙ୍କୁ ଅତିଥିମାନେ ମୁକୁଟ ପିନ୍ଧାଉଛନ୍ତି।

# ଦୀଘା ମୁହାଣରେ ବୁଡିଲା ଟ୍ରଲର

**ଭୋଗରାଇ, ୧୭।୬ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୀମାନ୍ତ ଦୀଘା ସମୁଦ୍ର ମୁହାଣରେ ଏକ ମାଛମରା ଟ୍ରଲର ସୋମବାର ସକାଳେ ବୁଡିଯାଇଥିଲା। ମା' ଦୁର୍ଗା ନାମକ ଏହି ଟ୍ରଲର ଗଭୀର ସମୁଦ୍ର ମଧ୍ୟକୁ ଗତ ଶୁକ୍ରବାର ମାଛ ମାରିବାକୁ ଯାଇଥିଲା। ସମୁଦ୍ରରୁ ମାଛ ମାରି ଫେରୁଥିବା ବେଳେ ଦୀଘା ସମୁଦ୍ର ମୁହାଣ ବାଲିଚଡରେ ଧକ୍କା ଦେବାରୁ ଟ୍ରଲର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହି ଟ୍ରଲରରେ ଥିବା ୧୨ଜଣ ମତ୍ସ୍ୟଜୀବୀ ଜୀବନକୁ ବାଜି ଲଗାଇ ପହଁରି କୂଳରେ ଲାଗିଥିଲେ। ସେମାନଙ୍କୁ ଅନ୍ୟ ମତ୍ସ୍ୟଜୀବୀ ମାନେ ଉଦ୍ଧାର କରି ଦୀଘା ଜେନେରାଲ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ପଠାଯାଇଥିବା ଦୀଘା ମେରାଇନ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# 'ସମସ୍ତଙ୍କ ପାଇଁ ନିରାପଦ ରକ୍ତ' କର୍ମଶାଳା

**ରୂପ୍‌ସା, ୧୭।୬(ଡି.ଏନ.ଏ.)**

ବସ୍ତା ବ୍ଲକ ସଦାନନ୍ଦପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଓଡ଼ିଶା ରକ୍ତଦାତା ସଂଘ ଓ ବସ୍ତା ବ୍ଲକ ରକ୍ତଦାତା ସଂଘର ମିଳିତ ଆନୁକୂଲ୍ୟରେ 'ସମସ୍ତଙ୍କ ପାଇଁ ନିରାପଦ ରକ୍ତ' ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଗଗନ ବିହାରୀ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡା. ପ୍ରଦୀପ କୁମାର ମିଶ୍ର, ମୁଖ୍ୟବକ୍ତା ପାରଳାଖେମୁଣ୍ଡି କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସୁବୀର ତୁଙ୍ଗ, ସମ୍ମାନ୍‌ନୀୟ ଅତିଥି ଭାବେ ପ୍ରାକ୍ତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ସରପଞ୍ଚ ଅନିଲ କୁମାର ମହାନ୍ତି, ପ୍ରାକ୍ତନ ଏବିଡିଓ ଶଙ୍କର କୁମାର କର ଓ ଜିଲା ରକ୍ତଦାତା ସଂଘ ସଭାପତି କମଲ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ କେବଳ ରକ୍ତ ସଂଗ୍ରହ ଉପରେ ଗୁରୁତ୍ୱ ନ ଦେଇ ସମସ୍ତଙ୍କ ପାଇଁ ନିରାପଦ ରକ୍ତର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ରକ୍ତଦାତା ସଂଘ ତରଫରୁ ବିଭିନ୍ନ ସଙ୍ଗଠନକୁ ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ଅବଦାନ ପାଇଁ ପ୍ରଶସ୍ତିପତ୍ର ଓ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୂର୍ବତନ ବିଧାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାର୍ଘ୍ୟ

**ସିମୁଳିଆ, ୧୭।୬(ଡି.ଏନ.ଏ.)**

ପୂର୍ବତନ ବିଧାୟକ ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋମବାର ମାର୍କୋଣା ଷ୍ଟେଶନ ବଜାରସ୍ଥିତ ପର୍ଶୁରାମଙ୍କ ସମାଧିପୀଠରେ ଚତୁର୍ଥ ଶ୍ରଦ୍ଧାର୍ଘ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ଉପସଭାପତି ଗୌରାଙ୍ଗ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପୂର୍ବତନ ବିଧାୟକ ତଥା ତାଙ୍କ ବାପା ପର୍ଶୁରାମଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେ ସବୁବେଳେ ଉଦ୍ୟମ ଜାରି ରଖିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ସନାତନ ନାୟକ, ବ୍ରଜମୋହନ ମହାନ୍ତି, ପ୍ରମିଳା ବଳ, ଲକ୍ଷ୍ମୀଧର ସ୍ୱାଇଁ, ବାଲେଶ୍ୱର ଜିଲାର ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା, ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରୀ ପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ, ବିଡିଓ ଡ. ନରହରି ବେହେରା ପ୍ରମୁଖ ଯୋଗଦେଇଥିଲେ। ଭାରତୀ କଳାନିକେତନର ଅଧ୍ୟକ୍ଷ ମହେନ୍ଦ୍ରନାଥ ମହାପାତ୍ର ଓ କଳାକାର ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଓଡିଶା କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ପରିବେଷିତ ହୋଇଥିଲା।



ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସ୍ମୃତିଚାରଣ କରୁଛନ୍ତି।

# 'ବରିଷ୍ଠ ନାଗରିକ ସମାଜର ଦିଗ୍‌ଦର୍ଶକ'

## ଉନ୍ମୋଚିତ ହେଲା 'ସାୟାହ୍ନ'

**ବାଲେଶ୍ୱର ଅଫିସ, ୧୭।୬**

ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚର ୮ମ ଜିଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଷ୍ଟ୍ରମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀର ସାଧାରଣ ସଭାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକ ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା କନିଷ୍ଠମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ବରିଷ୍ଠ ନାଗରିକମାନଙ୍କ ଭତ୍ତା ବୃଦ୍ଧି, ତୀର୍ଥସ୍ଥାନ ପରିଦର୍ଶନ ଓ ସାମାଜିକ ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ଆଇନଗୁଡିକ ସମ୍ପର୍କରେ ସୂଚନା ଦେଇ ସେମାନଙ୍କ ସୁରକ୍ଷା ପାଇଁ ସରକାର ସଚେତନ ରହିଥିବା ମନ୍ତ୍ରୀ ପ୍ରକାଶ କରିଥିଲେ।

ସମ୍ମିଳନୀରେ ବୈଦ୍ୟନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲା ବେଳେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ସମାଜରେ ଅବହେଳିତ ହେଉଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାର ଆଇନ କରିଦେଲେ ହେବନାହିଁ, ଏଥିପାଇଁ ସାମାଜିକସ୍ତରରେ ସଚେତନତା ଅତ୍ୟନ୍ତ ଜରୁରୀ। ବରିଷ୍ଠ ନାଗରିକମାନଙ୍କୁ ସରକାରୀ ଡାକ୍ତରଖାନାରେ ଚିକିତ୍ସା ଓ ସରକାରୀ ଦପ୍ତରମାନଙ୍କରେ ସେମାନଙ୍କ କାର୍ଯ୍ୟକୁ ଅଗ୍ରାଧିକାର ଦେବା ପାଇଁ ଜିଲାର ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେବେ ବୋଲି ଜିଲାପାଳ ରାଉତ ପ୍ରତିଶ୍ରୁତି ଦେଇଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଗିରିଶ୍ ଚନ୍ଦ୍ର ଦାଶ ଅତିଥି ଓ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ଜିଲାର ବରିଷ୍ଠ ନାଗରିକ ମଞ୍ଚର ଏକତାକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ମୁଖପତ୍ର 'ସାୟାହ୍ନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନର ଜାତୀୟସ୍ତରର ସୁନାମଧନ୍ୟ ଡାକ୍ତର ତଥା ବାଲେଶ୍ୱର ମାଟିର ସନ୍ତାନ ଡ. ପଦ୍ମଲୋଚନ ଶଙ୍ଖୁଆଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଉପଢୌକନ ଦେଇ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରିଥିଲେ। ସଭା ପ୍ରାରମ୍ଭରେ ପଣ୍ଡିତ ସୁରେନ୍ଦ୍ର ନାଥ କର ବେଦପାଠ କରିଥିବା ବେଳେ ସୁରେଶ ଚନ୍ଦ୍ର ଜେନା ଭଜନ ଓ ନୃତ୍ୟସଙ୍ଗୀତ କଳାମନ୍ଦିରର ଛାତ୍ରୀମାନେ ଉତ୍କଳ ବନ୍ଦନା ଗାନ କରିଥିଲେ। କମିଟିର ଅନ୍ୟତମ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀର ପ୍ରତିନିଧି ଅଧିବେଶନରେ ଜିଲାର ଆଞ୍ଚଳିକସ୍ତରରେ ବରିଷ୍ଠ ନାଗରିକମାନଙ୍କର ୨୫ଟି ସଙ୍ଗଠନର କର୍ମକର୍ତ୍ତାମାନେ ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ସହ ବାର୍ଦ୍ଧକ୍ୟ ଭତ୍ତା ପରିମାଣ ବୃଦ୍ଧି ଓ ଭତ୍ତା ବଣ୍ଟନ ପ୍ରକ୍ରିୟାକୁ ସରଳୀକରଣ ଓ ପରିଚୟପତ୍ର ପ୍ରଦାନ ପାଇଁ ଦାବି କରିଥିଲେ। ଏହି ଅଧିବେଶନରେ ଧୀରେନ୍ଦ୍ର ନାରାୟଣ ଦାସ, ନବକିଶୋର ଦାସ, ମହେନ୍ଦ୍ର ନାଥ ମହାପାତ୍ର, ମହେନ୍ଦ୍ର ପ୍ରସାଦ ନାୟକ, ଦେବବ୍ରତ ପାଣିଗ୍ରାହୀ, କୁମୁଦ ରଞ୍ଜନ ଗିରି, ନବକିଶୋର ଦାସ, ପୀତାମ୍ବର ପ୍ରଧାନ, ଚକ୍ରଧର ସେଠୀ, ନାରାୟଣ ପ୍ରସାଦ ସାହୁ, ଜ୍ଞାନେନ୍ଦ୍ର ସାହୁ, ଦିଲୀପ ଗିରି, ପୂର୍ଣ୍ଣଚନ୍ଦ୍ର ଓଝା, ରବୀନ୍ଦ୍ର ପ୍ରଧାନ, ଶ୍ରୀକାନ୍ତ ପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ସୁବୋଧ ପାତ୍ର, ଗୌରାଙ୍ଗ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ରାଉଳ, ରାମକୃଷ୍ଣ ଦାସଅଧିକାରୀ, ମହେଦ ଅଲି ଖାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମନୋରଞ୍ଜନ ପାଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅପର୍ଣ୍ଣା କର, ଶ୍ୟାମସୁନ୍ଦର ଜେନା, ପୂର୍ଣ୍ଣଚନ୍ଦ୍ର ପାତ୍ର, ହେମଲତା ଦାସ, ପ୍ରଫୁଲ୍ଲ ଦାସ ଓ ଚକ୍ରଧର ପାଲ ପ୍ରମୁଖ ସହଯୋଗ କରିଥିଲେ।



ବରିଷ୍ଠ ନାଗରିକ ମଞ୍ଚର ଅଷ୍ଟମ ବାର୍ଷିକ ଜିଲା ସମ୍ମିଳନୀରେ ମଞ୍ଚାସୀନ ଅତିଥି।


ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଶ୍ରୀଜୀଉଙ୍କ ଗଜାନନ ବେଶ।


ବାହାନଗା ବ୍ଲକର ପଥରପେଣ୍ଠ ଜଗନ୍ନାଥ ମନ୍ଦିର।


ଜଳେଶ୍ୱର ବ୍ଲକ ଛମୌଜାଠାରେ ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ।


ଖଇରା ବ୍ଲକ ଗଣ୍ଡିବେଡ ଜଗନ୍ନାଥ ମନ୍ଦିରରେ ସ୍ନାନ ମଣ୍ଡପରେ ୩ ଠାକୁର।


ରେମୁଣା ଇମାମୀଠାରେ ସ୍ନାନମଣ୍ଡପରେ ଶ୍ରୀଜୀଉ।


ସୋର ବ୍ଲକ ଗୁଡ ଗ୍ରାମରେ ପ୍ରସିଦ୍ଧ ଗୁଡ ବଳଦେବଜୀଉଙ୍କ ସ୍ନାନ ଉତ୍ସବ।

# ନନ୍ଦୁରରେ କବି ସମ୍ମିଳନୀ

**ଖଇରା, ୧୭।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ଗ୍ରାମରେ ରବିବାର ସାହିତ୍ୟ ସମାରୋହ ଓ କବିତା ପାଠୋତ୍ସବ ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବର୍ଷିୟାନ କବି ପଦ୍ମଲୋଚନ ମହାକୁଡ ପୌରୋହିତ୍ୟ କରିଥିଲେ। ସାହିତ୍ୟ ଆଲୋଚନାରେ ଡ. ରମାକାନ୍ତ ବେହେରା, କାଳୀପଦ ପଣ୍ଡା, ନରେନ୍ଦ୍ର ବୁଗୁଡାଇ, ଶରତ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। କବୟିତ୍ରୀ ଜୟନ୍ତୀ ବେହେରା, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। କବି ଡମ୍ବରୁଧର ଭୋଳ, ସୁଦାମ ଚରଣ ରାଉତ, ଖଗେଶ୍ୱର ପଣ୍ଡା, ମହେଶ୍ୱର ପାଣିଗ୍ରାହୀ, ବାବାଜୀ ମହାନ୍ତି, ପଦ୍ମନାଭ ମିଶ୍ର, ମୁକ୍ତିକାନ୍ତ ମିଶ୍ର, ମଧୁସୂଦନ ରାଉଳ, ବାବାଜୀ ଚରଣ ଦାଶ, ଅଚ୍ୟୁତ ଚରଣ ପଣ୍ଡା, ଗଗନ ବିହାରୀ ପଣ୍ଡା, ରାମଚନ୍ଦ୍ର ଦାଶ, କଲ୍ୟାଣୀ ପଣ୍ଡା, ମନମୋହନ ପାଢୀ ପ୍ରମୁଖ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ। ଶିଶୁ କବି ଶୁଭେନ୍ଦୁଙ୍କୁ ଅତିଥିମାନେ ଆଶୀର୍ବାଦ ପ୍ରଦାନ କରିଥିଲେ। ଯଦୁମଣି ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସବାଇ ଘାସ ଚାଷରୁ ମୁହଁ ଫେରାଇଲେଣି ଚାଷୀ

ବଡ଼ସାହି,୧୭।୬(ସ୍ୱ.ପ୍ର.)-

ବଣପାହାଡ଼ ଘେରା ମୟୂରଭଞ୍ଜ ଜିଲାର ଅଧିକାଂଶ ଲୋକ ଆଦିବାସୀ ସମ୍ପ୍ରଦାୟର। ଜୀବନ ଜୀବିକା ପାଇଁ ସେମାନେ ବଣଜଙ୍ଗଲ ଉପରେ ନିର୍ଭର କରନ୍ତି । କିଛି ଲୋକ ସବାଇଘାସ ଚାଷ କରି ସେଥିରୁ ଦଉଡି ପ୍ରସ୍ତୁତ କରି ପରିବାର ଭରଣ ପୋଷଣ କରିଥାନ୍ତି । ଖରା,ବର୍ଷା, ଶୀତ କାକରରେ ଘରେ ବସି ଭଲ ରୋଜଗାର ହେଉଥିବା ଏହି ବୃତ୍ତି ଏବେ କମିବାକୁ ବସିଛି । କମ ଦାମରେ ବଜାରରେ ପ୍ଲାଷ୍ଟିକ ଦଉଡି ମିଳୁଥିବାରୁ ଘାସରୁ ପ୍ରସ୍ତୁତ ଦଉଡି ଅଲୋଡା ହୋଇପଡିଛି । ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀ ଏହି ଚାଷରୁ ମୁହଁ ଫେରାଇଲେଣି ।

ଶିମିଳିପାଳ ପାଦଦେଶରେ ଥିବା ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ଯଦୁନାଥପୁର, କମଳାଶୋଳ, ପୂର୍ଣ୍ଣଚନ୍ଦ୍ରପୁର, ବେଲଡୁଙ୍ଗୁରୀ, ଅସ୍ତଝରଣ ଆଦି ପାହାଡିଆ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ସବାଇଘାସ ଚାଷ କରାଯାଉଥିଲା। ଢିପ ଜମିରେ ଏହି ଚାଷ ଭଲ ହେଉଥିବାରୁ ଲୋକମାନେ ଏହି ଚାଷ ପ୍ରତି ଗୁରୁତ୍ୱ ଦେଉଥିଲେ । ମେ ଓ ଜୁନ ମାସରେ ଏହି ଘାସକୁ କାଟି ଭଲ ଭାବେ ଶୁଖାଇ ସ୍ୱତନ୍ତ୍ର ଭାବେ ବିଡା ବାନ୍ଧି ରଖାଯାଇଥାଏ । ଘାସର ଆବଶ୍ୟକତା ବଢିଲେ ବ୍ୟବସାୟୀମାନେ ଚାଷୀଙ୍କଠାରୁ କୁଇଣ୍ଟାଲ ଦରରେ କିଣି ନିକଟସ୍ଥ ହାଟ ବଜାରରେ ବିକ୍ରି କରିଥାନ୍ତି। ବର୍ତ୍ତମାନ ଏହି ଚାଷ କରି ଚାଷୀ କ୍ଷତି



ସବାଇ ଘାସ ଚାଷ କରିଥିବା ଚାଷୀ।

ସହୁଥିବାରୁ ଧୀରେ ଧୀରେ ଚାଷଠାରୁ ଦୂରେଇ ଯାଉଛନ୍ତି । ସବାଇଘାସ ଅମଳ ହେବା ପୂର୍ବରୁ ମୂଳରେ ଉଇ ପିମ୍ପୁଡି ଲାଗିବା ଦ୍ୱାରା ଘାସ ନଷ୍ଟ ହେଉଛି । ଏପରିକି ଘାସରେ ଏକ ପ୍ରକାର ପୋକ ଲାଗିଲେ ତାହାର ଅଗ୍ରଭାଗ ଲାଲ ହୋଇ ପୋଡିଯିବା ସଦୃଶ ହୋଇଯାଏ । ଫଳରେ ସେହି ଘାସର ଚାହିଦା କମିଯାଇଥାଏ । ଲୋକମାନେ ପରିଷ୍କାର ପରିଚ୍ଛନ ଘାସକୁ ହାଟ ବଜାରରୁ କିଣି ନେଇ ଘରେ ବସି ଦଉଡି ବୋଳିଥାନ୍ତି । ବିଶେଷ କରି ଗରିବ ପରିବାରର ପିଲାଠାରୁ ବୃଦ୍ଧାପର୍ଯ୍ୟନ୍ତ ଏହି ଘାସକୁ ଘରେ ଓ ଗଛମୂଳେ ବସି ବୋଳିଥାନ୍ତି । ରାତି ଅନ୍ଧାରରେ ବସି ଦଉଡି ବୋଳିବା କାର୍ଯ୍ୟ ମଧ୍ୟ ହୋଇଥାଏ । ବୋଳା ହୋଇଥିବା ଦଉଡିକୁ ରାତିରେ ପାଣିରେ ବତୁରାଇ ବଡ଼ି ଭୋରରୁ ଏକ ସ୍ୱତନ୍ତ୍ର ମେଶିନ ସାହାଯ୍ୟରେ ପାଗ ଦିଆଯାଇଥାଏ । ପରେ ଏହାକୁ ଖରାରେ ଭଲ ଭାବେ ଶୁଖାଯାଇଥାଏ। ମସୃଣ କରିବା ପାଇଁ ଗଛର ଡାଳ କିମ୍ବା ବାଉଁଶ ଖୁଣ୍ଟ ସାହାଯ୍ୟରେ ଦଉଡିକୁ ମାଜିବାକୁ ପଡ଼ିଥାଏ। ଦଉଡିରୁ ବାହାରିଥିବା ଛୋଟ ଛୋଟ ମୂଳଗୁଡ଼ିକ ମାଜିବା ଦ୍ୱାରା ପରିଷ୍କାର ହୋଇଥାଏ। ଏହାକୁ ଭଲ ଭାବେ ବନ୍ଧାଯାଇ ନିକଟସ୍ଥ ହାଟକୁ ନେଇ ବିକ୍ରି କରାଯାଏ। ହାଟରେ ପହଞ୍ଚିବା ପୂର୍ବରୁ ଛୋଟ ଛୋଟ ବ୍ୟବସାୟୀମାନେ ରାସ୍ତାରେ ଅଟକାଇ ଦଉଡିକୁ କିଣିଥାନ୍ତି । ପ୍ରତି ବଦଳରେ ଅର୍ଥ ଓ ସବାଇଘାସ ଦେଇଥାନ୍ତି । ଏହି ଅର୍ଥ ଗରିବ ଲୋକଙ୍କ ପାଇଁ ଅତିରିକ୍ତ ଆୟ ସଦୃଶ ହୋଇଥାଏ ।

ଏବେ ପ୍ଲାଷ୍ଟିକ ଦଉଡି କମ୍ ଦାମରେ ମିଳୁଥିବାରୁ ସବାଇଘାସ ଦଉଡିର ଆଦର ଓ ଚାହିଦା କମିବାକୁ ବସିଛି । ଫଳରେ ଦଉଡି ବ୍ୟବସାୟରୁ ବହୁ ଲୋକ ଦୂରେଇ ଯାଇ ଅନ୍ୟ କାମଧନ୍ଦା ଆପଣାଉଛନ୍ତି ବୋଲି ଯୋଗୀନୂଆଗାଁ ଗ୍ରାମର ବ୍ୟବସାୟୀ ସନାତନ ମହାନ୍ତ ଓ ବିକାଶ ମହାନ୍ତ କହିଛନ୍ତି । ସରକାରଙ୍କ ପକ୍ଷରୁ ସବାଇଘାସ ଚାଷ ପାଇଁ ଚାଷୀଙ୍କୁ ତାଲିମ, ପ୍ରୋତ୍ସାହନ ରାଶି, ଉନ୍ନତମାନର ବିହନ ଓ କୀଟନାଶକ ଯୋଗାଇ ଦେବା ସହ ସ୍ୱତନ୍ତ୍ର ବଜାର ସୃଷ୍ଟି କରାଯାଇପାରିଲେ ବହୁ ପରିବାରର ଆର୍ଥିକ ଗୁଜୁରାଣ ମେଣ୍ଟି ପାରନ୍ତା ବୋଲି ଯଦୁନାଥପୁର ଗ୍ରାମର ବାଜି ସିଂ, ଅଜୟ ଟୁଡୁ, ଲକ୍ଷ୍ମୀକାନ୍ତ ହାଁସଦା, ଶଙ୍କର ସିଂ ପ୍ରମୁଖ ଦାବି କରିଛନ୍ତି।

ପୂର୍ବତନ ଜିଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ ପ୍ରଚେଷ୍ଟାରେ ଜିଲାରେ ମୟୂର ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇ ଓରମାସ ପକ୍ଷରୁ ଏସଏସଜି ଗ୍ରୁପର ମହିଳାମାନଙ୍କୁ ସବାଇଘାସରୁ ପ୍ରସ୍ତୁତ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା । ସେଥିରୁ ନିର୍ମିତ ସାମଗ୍ରୀର ଚାହିଦା ବଢିବାରୁ ଏବେ ତାହା ଜିଲା ତଥା ରାଜ୍ୟ ବାହାରକୁ ଅନଲାଇନ ଯୋଗେ ବିକ୍ରି ହୋଇପାରୁଛି। ତେବେ ବଡ଼ସାହି ବ୍ଲକରେ ଥିବା ଏସଏସଜି ଗ୍ରୁପର ମହିଳାମାନଙ୍କୁ ଏହି ତାଲିମ ପ୍ରଦାନ କରାଗଲେ ସବାଇଘାସର ମୂଲ୍ୟ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ବେକାର ଯୁବତୀ ଯୁବକ ଆତ୍ମନିର୍ଭରଶୀଳ ହୋଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ସଂକ୍ଷେପରେ

### ବାଇକରୁ ଖସିପଡ଼ି ମହିଳା ମୃତ

ବଡ଼ସାହି,୧୭।୬(ସ୍ୱ.ପ୍ର)-ବଡ଼ସାହି ଥାନା ଅଧିନ ଚକମାଧପୁର ଗ୍ରାମର ଜଣେ ମହିଳା ବାଇକରୁ ଖସି ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି । ମୃତକ ଜଣକ ହେଲେ ସେହି ଗ୍ରାମର ଗାଉରା ବେଶ୍ରା(୫୨) । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୯୪/୧୯) ରୁଜୁ କରିଛି । ଗତ ୧୫ତାରିଖ ଦିନ ପୁଅ ଲକ୍ଷ୍ମଣଙ୍କ ସହିତ ଗାଉରା ଏକ ବାଇକ (ନଂ. ଓଡି୦୧-୨୯୦୩) ରେ ନିଜ ଗ୍ରାମରୁ ବଡସାହି ଅଭିମୁଖେ ଆସୁଥିଲେ । ହଠାତ ଗାଉରାଙ୍କ ଗୋଡ ଖସିଯିବାରୁ ସେ ତଳେ ପଡିଯାଇ ଗୁରୁତର ହୋଇଥିଲେ । ତାଙ୍କୁ ପ୍ରଥମେ ବଡସାହି ଡାକ୍ତରଖାନା ଓ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି ।

### ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

ବାଙ୍ଗିରିପୋଷି,୧୭।୬(ଡି.ଏନ.ଏ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ନୟାବସାଣ ନିକଟସ୍ଥ କତରା ପୋଲ ନିକଟରେ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ନେଦାମ ଗ୍ରାମର ପଦନା ବିନ୍ଧାଣିଙ୍କ ପୁଅ ଛୋଟରାୟ ବିନ୍ଧାଣି । ସେ ଏକ ବାଇକରେ ବାଙ୍ଗିରିପୋଷି ପଟକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ପୋଲ ନିକଟରେ ରାସ୍ତା ତଳକୁ ଖସି ପଡିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

### ସାନ୍ତାଳୀ ନାଟକ ପ୍ରତିଯୋଗିତା

ବିଶୋଇ,୧୭।୬(ଡି.ଏନ୍.ଏ.)- ରଜ ସଂକ୍ରାନ୍ତି ଉପଲକ୍ଷେ ବିଶୋଇ ବ୍ଲକ ଅନ୍ତର୍ଗତ ଲୁହାବାଲିଆ ଗ୍ରାମରେ ଜାହିରଲାଲ ରଷିକା ଗାଁଓତା କ୍ଲବ ଆନୁକୂଲ୍ୟରେ ଏକ ସାନ୍ତାଳୀ ଆଦିବାସୀ ଡ୍ରାମା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଡାକ୍ତର ବୁଦ୍ଧାନ ମୁର୍ମୁ ଯୋଗଦେଇ ମୟୂରଭଞ୍ଜ ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଆଦିବାସୀ ସଂସ୍କୃତିର ଉନ୍ନତି ଉପରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଆଦିବାସୀ କଳାକାରମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଦେଇ କିପରି ଉତ୍ସାହିତ କରାଯିବ, ସେଥିନେଇ ଚେଷ୍ଟା କରାଯିବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଲୁହାକାନି ସମିତି ସଦସ୍ୟା ସୁନୀତିଲତା ମାଝି, ପଶ୍ଚିମ ମୟୂରଭଞ୍ଜ ସାଧାରଣ ସମ୍ପାଦକ ଜୁରିଲାଲ ମହାନ୍ତ, ସାରସକଣା ଯୁବ ସଂଯୋଜକ ରଞ୍ଜନ କବାଟ, ଆନନ୍ଦ ରାମ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୁଣ୍ଡାରୀ ବାଣୀ ପରୀକ୍ଷା ଶେଷହେଲା

ବାରିପଦା ଅଫିସ/ ବିଶୋଇ, (ଡି.ଏନ୍.ଏ.) ୧୭।୬-

ମୁଣ୍ଡାରୀ ବାଣୀ କେନ୍ଦ୍ରୀୟବୋର୍ଡ ଆନୁକୁଲ୍ୟରେ ୨୦୧୯ବର୍ଷ ପାଇଁ ମୁଣ୍ଡାରୀବାଣୀ ପରୀକ୍ଷା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରେ ଅନୁଷ୍ଠିତ ୬୧ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଶ୍ରେଣୀରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ୧୫୧୦ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ବୋର୍ଡର ନିର୍ଦ୍ଦେଶକ୍ରମେ ବିଭିନ୍ନ ମୁଣ୍ଡାରୀବାଣୀ ସ୍କୁଲର ପ୍ରଧାନ ଶିକ୍ଷକ ଓ ସମ୍ପାଦକମାନେ ପରୀକ୍ଷା ପରିଚାଳନା କରିଥିଲେ। ପରୀକ୍ଷାକେନ୍ଦ୍ର ପରିଦର୍ଶନ ପାଇଁ ଭାରତମୁଣ୍ଡା ସମାଜର ସାଧାରଣ ସମ୍ପାଦକ ନାଥ ସିଂ, ଗୋବର୍ଦ୍ଧନ ସିଂ, ସୁନାରାମ ସିଂ, ଜୟରାମ ସିଂ, କୋଷାଧ୍ୟକ୍ଷ ବାଇଧର ସିଂ, ଉପସଭାପତି ଶିବପ୍ରସାଦ ସିଂ, ଉପଦେଷ୍ଟା ମନୋଜ କୁମାର ମୁଣ୍ଡା, କାର୍ଯ୍ୟକାରୀ ସଭ୍ୟ ଜିତେନ କୁମାର ସିଂ, ବସନ୍ତ କୁମାର ସିଂ, ବୁଧିଆ ସିଂ, ଡାରୋହିଦାସ ସିଂ, ଚନ୍ଦ୍ରମୋହନ ସିଂ ଓ ବାଉଳା ସିଂ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ । ମୁଣ୍ଡାରୀବାଣୀ (ଲିପି) ପରୀକ୍ଷାରେ ଆବାଳ ବୃଦ୍ଧବନିତାଙ୍କ ଅଂଶଗ୍ରହଣ ଫଳରେ ଏହାର ପ୍ରଚାର ପ୍ରସାର ଓ ଆଦର ବଢୁଥିବାରୁ ମୁଣ୍ଡାରୀଭାଷା ଓ ଲିପିର ସାମ୍ବିଧାନିକ ସ୍ୱୀକୃତି ଦାବିକୁ ଭାରତ ମୁଣ୍ଡାସମାଜର ସଭାପତି ରବିନ୍ଦ୍ରନାଥ ସିଂ ସରକାରଙ୍କ ଠାରେ ଦାବି କରିଛନ୍ତି।

ସେହିପରି ବିଶୋଇ ବ୍ଲକ ଅନ୍ତର୍ଗତ ଖଡ଼ମବେଡ଼ା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମୁଣ୍ଡାରୀ ବାଣୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀର ୧୬ ଜଣ, ଦ୍ୱିତୀୟର ୧୩, ତୃତୀୟର ୧୪, ପଞ୍ଚମର ୧୨ ଓ ଅଷ୍ଟମ ଶ୍ରେଣୀର ୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମୁଣ୍ଡାରୀ ବାଣୀର ଶିକ୍ଷକ ସୁନାରାମ ମୁଣ୍ଡାଙ୍କ ପରିଚାଳନାରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମାନସିଂ ମୁଣ୍ଡା, ଚନ୍ଦ୍ରମୋହନ ମୁଣ୍ଡା, ନଟବର ସିଂ, ହୃଷି ମୁଣ୍ଡା, ଟୁଟୁ ମୁଣ୍ଡା ଓ ସନୁ ସିଂ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ନନ୍ଦଲାଲ ସିଂ, ମୁଖ୍ୟବ୍ୟକ୍ତା କାମେଶ୍ୱର ସିଂ, ସମ୍ମାନନୀୟ ଅତିଥି ଭାବେ ଦିଗମ୍ବର ସିଂ ଯୋଗଦେଇଥିଲେ। ଉପଦେଷ୍ଟା ମନୋଜ ମୁଣ୍ଡା, ଡକ୍ଟର ମହେନ୍ଦ୍ରନାଥ ସିଂଙ୍କ ଗହଣରେ ମୁଣ୍ଡା ସମାଜର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ବାରିପଦା: ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଉଛନ୍ତି।

# ଅସୁସ୍ଥ ମାଈ ହାତୀର ମୃତ୍ୟୁ

କପ୍ତିପଦା,୧୭।୬ (ଡ଼ି.ଏନ୍.ଏ):

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ପୋଡ଼ାଡ଼ିହା ସେକ୍ସନ୍ ଡୁବିଘାଟ ନିକଟରେ ଚିକିତ୍ସିତ ହେଉଥିବା ଏକ ମାଇହାତୀର ମୃତ୍ୟୁ ଘଟିଛି। ୭ଦିନ ପୂର୍ବରୁ କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ଫରେଷ୍ଟର ଶୋଭାକର ସିଂ ଏବଂ ବନବିଭାଗ କର୍ମଚାରୀମାନେ ଡୁବିଘାଟ ନିକଟରେ ଏକ ମାଇହାତୀଟି ଛୋଟେଇ ଛୋଟେଇ ଚାଲୁଥିବାର ଦେଖିବାକୁ ପାଇଥିଲେ । ବାରିପଦାରୁ ପ୍ରାଣୀ ଚିକିତ୍ସାଧିକାରୀ ପୀୟୁଷ ସୋରେନ୍ ଏବଂ ବନ୍ଦିତା ମିଶ୍ର ଘଟଣାସ୍ଥଳକୁ ଆସି ହାତୀଟିର ଚିକିତ୍ସା ଆରମ୍ଭ କରିଥିଲେ । ଡ଼ିଏଫ୍ଓ ସ୍ୱୟମ୍ ମଲ୍ଲିକ୍, ଏସିଏଫ୍ଓ ଶରତ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ହାତୀର ଅବସ୍ଥା ଅନୁଧ୍ୟାନ କରି ଫେରିଥିଲେ । ମାତ୍ର ଚିକିତ୍ସାଧିନ ଅବସ୍ଥାରେ ସୋମବାର ହାତୀଟିର ମୃତ୍ୟୁ ଘଟିଛି । ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ।



ମୃତ ହାତୀ।

# ପୁନଃ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ବାରିପଦା ଅଫିସ,୧୭।୬-

ମୟୂରଭଞ୍ଜ ଜିଲା ଅଧୀନସ୍ଥ ସମସ୍ତ ଶିକ୍ଷା ଜିଲାର ପୁନଃ ଥଇଥାନ ନିଯୁକ୍ତି ଯୋଜନାରେ ଆଶାୟୀ ପ୍ରାର୍ଥୀମାନେ ସୋମବାର ପୁନଃ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଗତ ୨୦୧୬ ମସିହା ନଭେମ୍ବର ୫ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତି ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ସଂଖ୍ୟା ୨୩୩୪୫ ପ୍ରଦାନ କରାଯାଇଥିଲା। ତଦନୁଯାୟୀ ମୃତ ଓ ଦୁସ୍ଥ ପରିବାରଙ୍କ ସମସ୍ତ କାଗଜପତ୍ର ଦାଖଲ ମଧ୍ୟ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏପରିକି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ୨ ଥର ଅଭିଯୋଗ କରାଯିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିରୋଜ କୁମାର ଗିରି, ସୌରଭ ଭୋଳ, ଝାନମଣୀ ସୋରେନ, ସୀତାମଣୀ ସୋରେନ, ସନ୍ଦୀପ ପାତ୍ର, ମନୋଜ କୁମାର ମହାନ୍ତ ଓ ଖଳାରାମ ମୁର୍ମୁ ପ୍ରମୁଖ ଦାବି କରିଛନ୍ତି।

# ସ୍ନାନମଣ୍ଡପରେ ତିନି ଠାକୁର

ବାରିପଦା ଅଫିସ,୧୭।୬:

ଦ୍ୱିତୀୟ ଶ୍ରୀକ୍ଷେତ୍ର ମୟୂରଭଞ୍ଜ ଜିଲା ବାରିପଦା ଜଗନ୍ନାଥ ମନ୍ଦିରରେ ସୋମବାର ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମବାର ଭୋର ୪ ଟା ସମୟରେ ମହାପ୍ରଭୁ ପହଣ୍ଡି ହୋଇ ସ୍ନାନ ମଣ୍ଡପକୁ ଆସିଥିଲେ। ୫ ଟା ବେଳେ ଗଙ୍ଗା ଦେବୀଙ୍କୁ ଆବାହନ ପରେ ମହାପ୍ରଭୁମାନଙ୍କ ସ୍ନାନ ନୀତି ଆରମ୍ଭ ହୋଇଥିଲା। ତିନି ପୂଜକ ସଙ୍କଳ୍ପ କରିବା ପରେ ୧୦୮ କଳସ ଜଳରେ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା। ସ୍ନାନ ପରେ ଚନ୍ଦନ ଲାଗି କରାଯାଇ ଫୁଲ ଚୁଲିଆ ବେଶରେ ଠାକୁରମାନଙ୍କୁ ସଜା ଯାଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ଅବକାଶ ନୀତି ପରେ ଶାହାଣମେଳା ଆରମ୍ଭ ହୋଇଥିଲା। ଠାକୁରଙ୍କ ଦର୍ଶନ ଲାଗି ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

ସେହିପରି ରାତ୍ରରେ ମହାପ୍ରଭୁଙ୍କ ଠାଁ ନୀତି ପରେ ଗୋତ୍ର ପୂଜା ସମୟରେ ଗଜାନନ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିର ପରିଚ୍ଛା ଦୁର୍ଗା ଚରଣ ଜିତବାବୁ ମହାପ୍ରଭୁମାନଙ୍କୁ ଅଁଳାପତ୍ର ଲାଗି କରିବା ପରେ ଅଣସର ପିଣ୍ଡିକୁ ଠାକୁର ପହଣ୍ଡି ବିଜେ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ବିଜେ ସମୟରେ ଅନନ୍ତ ବାସୁଦେବ ମନ୍ଦିର ସମ୍ମୁଖରେ ଦହି ଭେଟି ଓ ପୂଜା ନୀତି ହୋଇଥିଲା। ସେହି ସମୟରେ ଦେବଦାସୀଙ୍କ ଦ୍ୱାରା ଗୀତ ଗୋବିନ୍ଦ ପାଠ କରାଯାଇଥିଲା। ପରେ ମହାପ୍ରଭୁ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ସେହିପରି ଶନିବାର ପଟଦେବାତାଙ୍କୁ ଗଙ୍ଗାଯମୁନାଙ୍କ ଦ୍ୱାର ସମ୍ମୁଖରେ ଆବହନ କରାଯାଇ ପୂଜାନୀତି କରାଯାଇଥିଲା। ଏହି ସମୟରେ ଠାକୁରମାନଙ୍କ ସମସ୍ତ ନୀତି ଉତ୍ତର ଦ୍ୱାର ବା ହାତୀ ଦ୍ୱାରରେ ହିଁ ହୋଇଥାଏ।



ବାରିପଦା: ସ୍ନାନବେଦୀରେ ତିନି ଠାକୁର।



ଖୁଣ୍ଟା: ଠାକୁରଙ୍କ ସ୍ନାନନୀତି କରାଯାଉଛି।



ବିଶୋଇ: ଗଜାନନ ବେଶରେ ତିନି ଠାକୁର ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

### ସାନ୍ତାଳୀ ପରମ୍ପରାରେ ସ୍ନାନ ଉତ୍ସବ

ଖୁଣ୍ଟା,(ଡି.ଏନ.ଏ)-
ଗୋପବନ୍ଧୁନଗର ବ୍ଲକ ଅଧୀନ ଦାନ୍ଦୁସାହି ଠାରେ ଜଗାବଳିଆ ରଥଯାତ୍ରା କମିଟି ପକ୍ଷରୁ ସୋମବାର ଜଗନ୍ନାଥ ମନ୍ଦିରରେ ୩ ଠାକୁରଙ୍କ ସ୍ନାନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମନ୍ଦିରର ପୂଜକ ମିର୍ଜା ହେମ୍ବ୍ରମ ସାନ୍ତାଳୀ ପରମ୍ପରାରେ ପୂଜାର୍ଚ୍ଚନା କରି ୩ ଠାକୁରଙ୍କ ଦାରୁ ବିଗ୍ରହମାନଙ୍କୁ ସ୍ନାନ ମଣ୍ଡପରେ ଅବସ୍ଥାପିତ କରିବା ସହିତ ସ୍ନାନାଦି କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିରେ ବ୍ରାହ୍ମଣ ପୂଜକମାନେ ସହାୟତା ପ୍ରଦାନ କରିଥିଲେ। ଧର୍ମ ଜାଗରଣ ସମନ୍ୱୟ ସମିତି ଓଡ଼ିଶା ଓ ପଶ୍ଚିମବଙ୍ଗ ଶାଖାର ସଦସ୍ୟ ବିନୟ କୁମାର ଭୂୟାଁ ଦେବସ୍ନାନ ପୂର୍ଣ୍ଣମୀର ତାତ୍ପର୍ଯ୍ୟ ସମ୍ବନ୍ଧରେ ଧାରା ବିବରଣୀ ପ୍ରଦାନ କରିଥିଲେ। ରଥଯାତ୍ରା କମିଟିର ସଭାପତି ଭରତ ଚନ୍ଦ୍ର ଖିଲାର ଓ ସମ୍ପାଦକ ଗିରିଶ ଚନ୍ଦ୍ର ମୁର୍ମୁଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ଦର୍ଶନ ଲାଗି ଭକ୍ତଙ୍କ ଭିଡ

କୁଆମରା, (ଡି.ଏନ.ଏ): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ଗ୍ରାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଶ୍ରୀ ଜୀଉଙ୍କ ସେବା ନୀତି ସଂପୂର୍ଣ୍ଣ ହେବା ପରେ ପ୍ରଭୁ ଜଗନ୍ନାଥ, ବଡ ଠାକୁର ବଳଭଦ୍ର ଓ ଭଉଣୀ ସୁଭଦ୍ରା ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ପରେ ଯଥା ବିଧି ପୂଜା ପାଠ ସରିବା ପରେ ତିନି ଠାକୁରଙ୍କୁ ଅଣସର ମଣ୍ଡପକୁ ନିଆ ଯାଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ଏହି ଅବସରରେ ଖିରିପଦା ହରିବଳଦେବ ଜୀଉ ମନ୍ଦିର, କୁଆମରା ନୃସିଂହ ମନ୍ଦିର, ପୁରୁଣା ବାରିପଦା ଦଧିବାମନ ଜୀଉ ମନ୍ଦିର, ସାଇଁକୁଲା କଲକୀ ନାରାୟଣ, ଜୟପୁର, ବରଡିହି, ଉପର କଡଦା, କୁଶଳଦା, ସାନବେଲାକୁଟି ମନ୍ଦିରରେ ଭକ୍ତଙ୍କ ଭିଡ ଲାଗି ରହିଥିଲା।

### ଗଜାନନ ବେଶ

ବିଶୋଇ,(ଡି.ଏନ.ଏ):
ପବିତ୍ର ସ୍ନାନ ପୂର୍ଣ୍ଣିମାରେ ବିଶୋଇ ସ୍ଥିତ ବିଶୋଇ ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯିବା ପରେ ଯଥା ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ସମାପନ କରାଯାଇଥିଲା। ପୂଜକ ଦୁର୍ଗା ପ୍ରସାଦ ଶର୍ମା ଓ ଶ୍ରୀପତି ପଣ୍ଡା ସ୍ନାନ କାର୍ଯ୍ୟ ସମାପନ କରିଥିଲେ। ପରେ ଠାକୁରଙ୍କ ଗଜାନନ ବେଶ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ସ୍ନାନ ମଣ୍ଡପରେ ଠାକୁରଙ୍କୁ ଦର୍ଶନ କରିଥିଲେ।

### ବାଙ୍ଗିରିପୋଷି ଉତ୍ସବ ମୁଖର

ବାଙ୍ଗିରିପୋଷି,(ଡି.ଏନ.ଏ)-
ବାଙ୍ଗିରିପୋଷି ନିକଟସ୍ଥ ଆଦ୍ଦେଶ୍ୱର ମନ୍ଦିରରେ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କର ଦେବସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟ ଶବ୍ଦରେ ମନ୍ଦିର ପ୍ରାଙ୍ଗଣରେ ଉତ୍ସବ ମୁଖର ହୋଇ ଉଠିଥିଲା। ଶେଷରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ଶ୍ରୀକାନ୍ତ ହୋତା, ସଞ୍ଜୟ ଅଗ୍ରୱାଲ, ବିଶ୍ୱଜିତ ସାହୁ, ଆକାଶ ମହୋତା, ଅଜୟ ମହାନ୍ତି, ଆଲୋକ କୁମାର ସ୍ୱାଇଁ, ପ୍ରିତୀଶ ମହାନ୍ତ, ତ୍ରିଲୋଚନ କର, ଦଳଗୋବିନ୍ଦ ବେହେରା, ଟିଟୁ ରାୟ, ପ୍ରଭାକର କର, ରକି ଦତ୍ତ, କୃଷ୍ଣା ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ନାନପୂର୍ଣ୍ଣିମାରେ ରଥଯାତ୍ରା

ବଡ଼ସାହି,(ସ୍ୱ.ପ୍ର)-
ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ଶିମିଳିପାଳ ପାଦଦେଶରେ ଥିବା ଗୁଡିଆଲବନ୍ଧ ଗ୍ରାମରେ ଦେବସ୍ନାନ ପୂର୍ଣ୍ଣମୀରେ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ଦେବସ୍ନାନ ପୂର୍ଣ୍ଣିମାରେ ତିନି ଦିଅଁ ସ୍ନାନ ପରେ ଅସୁସ୍ଥତା(ଜ୍ୱର) କାରଣରୁ ଅଣସରରେ ରହୁଥିବା ବେଳେ ଏଠାରେ ରଥଯାତ୍ରା ଆୟୋଜିତ ହେଉଥିବା ଓ ଏହା ପରଦିନ ବାହୁଡାଯାତ୍ରା ହୋଇଥାଏ । ପ୍ରଚାର ପ୍ରସାର ଅଭାବରୁ ଏହି ପରମ୍ପରା ପ୍ରଶାସନ ଦୃଷ୍ଟିକୁ ଆସିପାରୁ ନାହିଁ । ମାତ୍ର ଦେବସ୍ନାନ ପୂର୍ଣ୍ଣିମାରେ ରଥଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥାଏ ।

ରଥଯାତ୍ରା ପରମ୍ପରା ଅନୁଯାୟୀ ନବ ଯୌବନ ଦର୍ଶନର ପରଦିନ ରଥଯାତ୍ରା ପର୍ବ ଆରମ୍ଭ ହୋଇ ୯ଦିନରେ ବାହୁଡାଯାତ୍ରା ସମ୍ପନ୍ନ ହୋଇଥାଏ ।

ମାତ୍ର ଗୁଡିଆଲବନ୍ଧ ଗ୍ରାମରେ ଏକ ସ୍ୱତନ୍ତ୍ର ପରମ୍ପରା ବହନ କରି ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମା ଦିନ ରଥଯାତ୍ରା ପାଳିତ ହୋଇଆସୁଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର(ମଠ)ର ନୀତିରେ ଦେବସ୍ନାନ ପରେ ତିନି ଠାକୁର ଗୋଟିଏ ରଥରେ ସନ୍ଧ୍ୟାରେ ଯାତ୍ରା କରି ଗାଁ ମୁଣ୍ଡରେ ଥିବା ଗ୍ରାମ ଦେବତୀ ସିନ୍ଦୁରଗୌରା ଠାକୁରାଣୀଙ୍କ ପୀଠ (ମାଉସୀବାଡି)ରେ ପହଞ୍ଚିଛନ୍ତି। ସେଠାରେ ତିନି ଠାକୁର ରଥ ଉପରେ ଗୋଟିଏ ରାତି ରହିବା ପରେ ମଙ୍ଗଳବାର ମନ୍ଦିରକୁ ବାହୁଡ଼ି ପୂର୍ବ ପରି ପୂଜା ପାଇବେ । ସମସ୍ତ 'କ୍ଷେତ୍ର'ରେ ଦିଅଁମାନେ ଅଣସର ଘରେ ରହି ସେମାନେ ପଟିଦିଅଁରେ ବିଷ୍ଣୁ, ମହେଶ୍ୱର ଓ ଶକ୍ତି ରୂପରେ ପୂଜା ପାଇଥାନ୍ତି । ହେଲେ ଏହି ଗ୍ରାମର ଜଗନ୍ନାଥ ମନ୍ଦିରରେ

### ନିଆରା ପରମ୍ପରା

ତିନି ଠାକୁର ନିଜ ନିଜ ରୂପରେ ପୂଜା ପାଆନ୍ତି । ଫଳରେ ସ୍ନାନ ପୂର୍ଣ୍ଣମୀ ଦିନ ଠାରୁ ନବ ଯୌବନ ଦର୍ଶନ ପର୍ଯ୍ୟନ୍ତ ଏଠାରେ ଭକ୍ତଙ୍କ ଭିଡ ଲାଗି ରହିଥାଏ । ଏଠାରେ ଅନ୍ୟ ଏକ ବିଶେଷତ୍ୱ ରହିଛି ଯେ, ଦୀର୍ଘ ୩୧ବର୍ଷ ମଧ୍ୟରେ ଭକ୍ତମାନେ ତିନି ଠାକୁରଙ୍କୁ ନବ କଳେବର ରୂପରେ ଦେଖିବାକୁ ପାଇନାହାନ୍ତି । ମଠର ମହନ୍ତ ଯୋଗେନ୍ଦ୍ରଜୀଙ୍କ ସୂଚନା ଅନୁଯାୟୀ ୧୯୮୪ ମସିହା ଏପ୍ରିଲ ମାସ ୧୦ ତାରିଖରେ ଚାଲି ଚାଲି ଶ୍ରୀକ୍ଷେତ୍ର ପୁରୀକୁ ରଥଯାତ୍ରା ଦେଖିବା ପାଇଁ ଯିବା ବାଟରେ ଦେଖିଥିବା ସ୍ୱପ୍ନାଦେଶ ଅନୁଯାୟୀ ସେ ତିନି ଦିଅଁଙ୍କୁ ସେହି ଗ୍ରାମରେ ପ୍ରତିଷ୍ଠା କରି ପୂଜା କରିଆସୁଛନ୍ତି। ମହାପ୍ରଭୁଙ୍କ ନିର୍ଦ୍ଦେଶରେ ଏଭଳି ପରମ୍ପରା ଚାଲି ଆସିଛି ବୋଲି ସେ କହନ୍ତି । ଜଗନ୍ନାଥ ସଂସ୍କୃତିରେ ଏହା ଏକ ସ୍ୱତନ୍ତ୍ର ପରମ୍ପରା ବହନ କରିଥିଲେ ହେଁ ରଥଯାତ୍ରା ଦେଖିବା ପାଇଁ ଶିମିଳିପାଳ ପାଦଦେଶରେ ଥିବା ଗ୍ରାମଗୁଡିକରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା ।



ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

## ସଂକ୍ଷେପରେ

### ୮ ବଖରା ଘର ଜଳିଗଲା



**ପଦ୍ମପୁର, ୧୭।୬ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପଞ୍ଚାୟତ ବଣିଆସାହିରେ ସୋମବାର ଅଗ୍ନିକାଣ୍ଡ ଘଟି ୮ ବଖରା ଘର ଜଳିଯାଇଛି। ସୂଚନା ଅନୁଯାୟୀ, ବଣିଆସାହିର ରମାକାନ୍ତ ସାହୁ, ସାଇଶଙ୍କର ସାହୁ, କାହ୍ନୁଚରଣ ସାହୁ, ସୁବାସ ଜ୍ୟେଷ୍ଠି ଓ ନରେନ୍ଦ୍ର ପ୍ରସାଦ ସାହୁଙ୍କ ଘର ଜଳିଯାଇଛି। ଖବର ପାଇ ଧାମରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ୫ ପରିବାରର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। କ୍ଷତିଗ୍ରସ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନାୟକାଣିଡିହୀ ସରପଞ୍ଚ ବଂଶୀଧର ବିଶ୍ୱାଳ ଅଗ୍ନିବିପନ୍ନ ପରିବାରକୁ ରନ୍ଧାଖାଦ୍ୟ ବଣ୍ଟନ କରିଥିବା ବେଳେ ତହସିଲଦାରଙ୍କ ତରଫରୁ ପଲିଥିନ ଯୋଗାଇ ଦିଆଯାଇଛି।

### ପିତୃ ଦିବସ, ରଜ କବିତା ପାଠୋତ୍ସବ

**ଭଣ୍ଡାରିପୋଖରୀ,୧୭।୬(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ପଦିନାରାୟଣପୁରସ୍ଥିତ ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ପିତୃ ଦିବସ ପାଳନ ଓ ରଜ କବିତା ପାଠୋତ୍ସବ ବାରିକପୁରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପିତାଙ୍କ ଆଶୀର୍ବାଦ ସବୁବେଳେ ଝିଅପୁଅଙ୍କୁ ଉଚ୍ଚ ସ୍ଥାନରେ ପହଞ୍ଚାଇଥାଏ। ପିତାଙ୍କ ଯତ୍ନ ନେବା ଜରୁରୀ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅତିଥି ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଜେନା, ମନୋଜ କୁମାର ଜେନା, ପ୍ରଫୁଲ୍ଲ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, କରୁଣାକର ବାରିକ, ନିରଞ୍ଜନ ରାଉତ, ମହେନ୍ଦ୍ର ନନ୍ଦୀ ପ୍ରମୁଖ ଯୋଗଦେଇ ରଜ କବିତାପାଠ କରିଥିଲେ। ହିମାଂଶୁ ରାଉତ ଧନ୍ୟବାଦ ଦେଇଥିଲେ।

### ମନ୍ଦିର ପରିସରରେ ଚାରାରୋପଣ

**ବାସୁଦେବପୁର, ୧୭।୬ (ଡି.ଏନ.ଏ.):** ରଜ ଅବସରରେ ବାସୁଦେବପୁର ବ୍ଲକ ଆର୍ଡୁଁ ପଞ୍ଚାୟତର କୁସୁମାପୋଖରୀ ନିକଟସ୍ଥ ହନୁମାନ ମନ୍ଦିର ପରିସରରେ ଚାରାରୋପଣ କରାଯାଇଛି। ସରପଞ୍ଚ ସାଗରିକା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ବୃକ୍ଷର ଗୁରୁତ୍ୱ ଓ ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତା ସମ୍ପର୍କରେ ସରପଞ୍ଚ ସେଠୀ ମତ ରଖିବା ସହ ବୃକ୍ଷର ସୁରକ୍ଷା ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯିବା ଦରକାର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଶିବାଜୀ ଚନ୍ଦ୍ର ନାୟକ, ସୁରେନ୍ଦ୍ର କୁମାର ନାୟକ, ଶଶିକୁମାର ରାଉତ, ସୀତାକାନ୍ତ ରାଉତ, ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ସମ୍ପର୍କୀୟ ପରିଚୟ ଦେଇ ଲୁଟ୍ ଘଟଣା ବଢୁଛି ଅଭିଯୋଗକାରୀଙ୍କ ସଂଖ୍ୟା

**ଭଦ୍ରକ ଅଫିସ, ୧୭।୬:** ସମ୍ପର୍କୀୟ ପରିଚୟ ଦେଇ ଲୁଟୁଥିବା ଜଣେ ଲୁଟେରା ରବିବାର ଭଦ୍ରକ ଟାଉନ ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ଏହି ଘଟଣାରେ ଲୁଟେରାଙ୍କ ବିରୋଧରେ ଅଭିଯୋଗକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ନେଇ ରବିବାର ଆରଡ଼ି ଗ୍ରାମର ଭାରତୀ ପଣ୍ଡାଙ୍କ ଏତଲା କ୍ରମେ ପୋଲିସ ମାମଲା( ନଂ. ୧୮୧/୧୯) ରୁଜୁ କରି ଲୁଟେରା ନାୟକାଣିଡିହୀର ପରମାନନ୍ଦ ବିଶ୍ୱାଳଙ୍କୁ ଗିରଫ କରିଛି। ଉଲ୍ଲେଖନୀୟ ଯେ, ପରମାନନ୍ଦ ଏକ ସପ୍ତାହ ଧରି ଭଦ୍ରକ ଟାଉନ ଅଞ୍ଚଳରେ ସମ୍ପର୍କୀୟ ପରିଚୟ ଦେଇ ମହିଳାଙ୍କଠାରୁ ସୁନାଚେନ୍, ଭ୍ୟାନିଟି ବ୍ୟାଗ୍ ଲୁଟି ଆସୁଥିଲେ। ପୋଲିସ ରବିବାର ତାଙ୍କୁ କାବୁ କରି ତାଙ୍କ ନିକଟରୁ ବହୁ ଲୁଟ୍ ସାମଗ୍ରୀ ଜବତ କରିଛି। ଏପରିକି ପରମାନନ୍ଦଙ୍କ ନାୟକାଣିଡିହୀସ୍ଥିତ ବାସସ୍ଥାନରେ ପୋଲିସ ଚଢ଼ାଉ କରି ବହୁ ଚୋରି ସାମଗ୍ରୀ ଜବତ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ଅଭିଯୋଗକାରୀଙ୍କ ଲମ୍ବାଧାଡ଼ି ଲାଗିଥିଲା। ଗିରଫ ପରମାନନ୍ଦଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

# ମୁକୁଳା ପଡ଼ିଛି ଆଡ଼ିବନ୍ଧ

**ଭଦ୍ରକ ଅଫିସ, ୧୭।୬**



ସାଳନ୍ଦୀ ନଦୀବନ୍ଧ।

■ ୩ ବର୍ଷ ବିତିଲା, ସରୁନି ନିର୍ମାଣ କାର୍ଯ୍ୟ

■ ବନ୍ୟା ଆଶଙ୍କାରେ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ

ପ୍ରତିବର୍ଷ ବର୍ଷାଋତୁ ଆସିଲେ ଚିନ୍ତା ବଢ଼େ। ପ୍ରଶାସନ ପକ୍ଷରୁ ବର୍ଷାକୁ ଆଖି ଆଗରେ ରଖି ବିଭିନ୍ନ ନଦୀବନ୍ଧ, ଆଡିବନ୍ଧକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଉଛି। ଏହାକୁ ନେଇ ପ୍ରତିବର୍ଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଉଛି। ହେଲେ ଏହା କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ସମୀକ୍ଷା କରାଯାଉ ନାହିଁ। ଫଳରେ ବର୍ଷ ବର୍ଷ ଧରି ନଦୀବନ୍ଧ କାର୍ଯ୍ୟ ଚାଲୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁନି। ମୁକୁଳା ନଦୀବନ୍ଧକୁ ନେଇ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ହୋଇପଡୁଛନ୍ତି।

ଭଦ୍ରକ ସହରରେ ସାଳନ୍ଦୀ ନଦୀର ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ୩ ବର୍ଷ ବିତିଲାଣି। ହେଲେ ଏଯାଏ ଶେଷ ହେଉନାହିଁ। ୧୧ ଶହ ମିଟର ଲମ୍ବର ଆଡିବନ୍ଧ ନିର୍ମାଣକୁ ୩ ବର୍ଷ ଲାଗିଲାଣି। ତଥାପି ବନ୍ଧ ନିର୍ମାଣ ସରିନାହିଁ କି ବନ୍ଧରେ ପଥରପ୍ୟାକିଂ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନାହିଁ। ଆଗକୁ ବର୍ଷାଋତୁ ଆସୁଥିବା ବେଳେ ସାଳନ୍ଦୀ ନଦୀର ଏହି ମୁକୁଳା ନଦୀବନ୍ଧକୁ ନେଇ ଏବେ ଲୋକେ ଚିନ୍ତାରେ ରହିଛନ୍ତି। ସାଳନ୍ଦୀ ନଦୀରେ ବଡ଼ ବନ୍ୟା ଆସିଲେ ବନ୍ୟାଜଳ ସାହିବସ୍ତିରେ ପଶିବାର ନଜିର ରହିଛି। ପୂର୍ବରୁ ନଦୀର ଡାହାଣପାର୍ଶ୍ୱରେ ଆଡିବନ୍ଧ ନିର୍ମାଣ ଏବଂ ପଥରପ୍ୟାକିଂ କାମ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ବାମପାର୍ଶ୍ୱ କାମ ବାକି ଥିଲା।

ଗତବର୍ଷ ଭଦ୍ରକ ସହରକୁ ବନ୍ୟାମୁକ୍ତ କରିବାକୁ ତଥା ଗମନାଗମନ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଗବସାହି, ଜେନାସାହିଠାରୁ ୧୬ ନମ୍ବର ଜାତୀୟ ରାଜପଥ ପର୍ଯ୍ୟନ୍ତ ଆଡ଼ିବନ୍ଧ ନିର୍ମାଣ ଆରମ୍ଭ ହୋଇଥିଲା। ୧୧ ଶହ ମିଟର ଏହି ଆଡିବନ୍ଧ ନିର୍ମାଣ ଲାଗି ୩୨ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିଲା। କାର୍ଯ୍ୟାରମ୍ଭର ୬ ମାସ ମଧ୍ୟରେ ବନ୍ଧ ନିର୍ମାଣ ପୂର୍ଣ୍ଣାଙ୍ଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଜଳସେଚନ ବିଭାଗ ଅଧୀନରେ ହେଉଥିବା ଏହି ପ୍ରକଳ୍ପ ଅଧାରେ ଅଟକିଛି। ସାଳନ୍ଦୀ ନଦୀର ବନ୍ୟାପାଣିକୁ ନିୟନ୍ତ୍ରଣ ଲକ୍ଷ୍ୟରେ କରାଯାଉଥିବା ଆଡିବନ୍ଧ କାମ ବର୍ଷା ପୂର୍ବରୁ ସମ୍ପୂର୍ଣ୍ଣ ହୋଇ ନ ପାରିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଏହାକୁ ନେଇ ନଦୀକୂଳିଆ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବାମପଦ ତ୍ରିପାଠୀଙ୍କୁ ପଚାରିବାରୁ ଜମିଜମା ବିବାଦ କାରଣରୁ ଉକ୍ତ ସ୍ଥାନଗୁଡ଼ିକରେ ବନ୍ଧ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି ବୋଲି କହିଛନ୍ତି।

# ଫାଙ୍କା ଗୁଳି ଚଳାଇ ଲୁଟ୍ ଉଦ୍ୟମ



ପୋଲିସ ତଦନ୍ତ କରୁଛି।

**ଭଦ୍ରକ ଅଫିସ, ୧୭।୬**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାହାଞ୍ଜ ମଠସାହି ଛକ ନିକଟରେ ରବିବାର ରାତିରେ ୨ ଜଣ ଲୁଟେରା ଫାଙ୍କା ଗୁଳି ଚାଳନା କରି ଲୁଟ୍ ଉଦ୍ୟମ କରିଛନ୍ତି। ଏହି ସମୟରେ ନମ୍ବର ବିହୀନ ବାଇକ୍ ସହ ୨ ଲୁଟେରା ନିକଟସ୍ଥ ପୋଖରୀରେ ଖସିପଡ଼ିଥିଲେ। ସେମାନଙ୍କୁ କାବୁ କରିବାକୁ ଗ୍ରାମବାସୀ ଉଦ୍ୟମ କରିଥିଲେ ମଧ୍ୟ ଅନ୍ଧାରର ସୁଯୋଗ ନେଇ ଖସି ଯାଇଥିଲେ। ଖବର ପାଇ ରାତିରେ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରି ପୋଖରୀରେ ପଡ଼ିଥିବା ବାଇକ୍‌କୁ ଜବତ କରି ଥାନାକୁ ନେଇଥିଲା। ପୋଖରୀ ନିକଟରେ ପଡ଼ିଥିବା ଲୁଟେରାଙ୍କ ବନ୍ଧୁକ ସୋମବାର ସକାଳେ ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଏ ନେଇ ଗ୍ରାମାଞ୍ଚଳ ଥାନା ପୋଲିସ ଏକ ମାମଲା(ନଂ.୩୦୬/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ରାହାଞ୍ଜ ଗ୍ରାମର ରାଜେନ୍ଦ୍ର ଶୁକ୍ଳ ରାଣୀତାଲ ଛକ ନିକଟରେ ଏକ ଫ୍ରାଞ୍ଚାଇଜ୍ ଫିନେ ପେମେଣ୍ଟ ବ୍ୟାଙ୍କ ନାମକ ଏକ ମିନିବ୍ୟାଙ୍କ ଖୋଲିଛନ୍ତି। ସେ ସବୁଦିନ ଭଳି ରବିବାର ରାତିରେ ବ୍ୟାଙ୍କ ବନ୍ଦ କରି ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଧରି ଘରକୁ ଫେରୁଥିଲେ। ରାହାଞ୍ଜ ମଠସାହି ମେଳଣ ପଡ଼ିଆ ନିକଟରେ ପୂର୍ବରୁ ଛକି ରହିଥିବା ଏହି ୨ ଲୁଟେରା



ଜବତ ବନ୍ଧୁକ।

### ପୋଖରୀରେ ବାଇକ୍ ଛାଡ଼ି ଲୁଟେରା ଛୁ

ଏକ ବାଇକ୍‌ରେ ଯାଇ ୩ ରାଉଣ୍ଡ ଫାଙ୍କା ଗୁଳି ଫୁଟାଇ ରାଜେନ୍ଦ୍ରଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ଏହି ସମୟରେ ଲୁଟେରାଙ୍କ ବାଇକ୍‌ଟି ସ୍ଥାନୀୟ ପୋଖରୀ ଭିତରକୁ ପଶିଯାଇଥିଲା। ରାଜେନ୍ଦ୍ର ସେଠାରୁ ବର୍ତ୍ତି ଯାଇ ସାହି ଭିତରକୁ ଯାଇ ଲୋକଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ଗ୍ରାମବାସୀ ସେଠାରେ ରୁଣ୍ଡ ହୋଇଥିଲେ। ଫଳରେ ଲୁଟେରାଦ୍ୱୟ ବାଇକ୍ ଓ ବନ୍ଧୁକ ଛାଡ଼ି ଦୌଡ଼ି ପଳାଇ ଯାଇଥିଲେ। ପୋଲିସ ସୋମବାର ତଦନ୍ତ କରିବା ପରେ ଉକ୍ତ ବାଇକ୍‌ଟି ଗତ ୧୩ ତାରିଖରେ ବାହାନଗା ଗୋପବନ୍ଧୁ ରାସ୍ତାରୁ ଲୁଟ୍ ହୋଇଥିବା ଜଣାପଡ଼ିଛି। ଏନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା(ନଂ.୧୧୫/୧୯) ରୁଜୁ ହୋଇଛି। ଲୁଟେରାଙ୍କ ସମ୍ପର୍କରେ ତନାଘନା ଚାଲିଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ସୂଚନା ଦେଇଛନ୍ତି।

# ସ୍ନାନପୂର୍ଣ୍ଣିମାରେ ଭକ୍ତ ଭାବବିହ୍ୱଳ

**ଆରଡ଼ି, ୧୭।୬ (ଡି.ଏନ.ଏ.)**



ତିନି ଠାକୁରଙ୍କୁ ସ୍ନାନ କରାଯାଉଛି।

ଭଦ୍ରକ ଜିଲା ଧାମନଗର ଓ ଚାନ୍ଦବାଲି ବ୍ଲକର ସୀମାବର୍ତ୍ତୀ ସ୍ଥାନରେ ନିର୍ମିତ ସାହୁସାହି-ସୁନ୍ଦରପୁର ମଠରେ ସୋମବାର ସ୍ନାନ ପୂର୍ଣ୍ଣିମାରେ ଶତାଧିକ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ୨୫୦ ବର୍ଷ ତଳର ଏହି ପୁରାତନ ମଠରେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କର ଦାରୁ ବିଗ୍ରହ ପୂଜା ପାଇଥାନ୍ତି। ଏଠାରେ ଶଙ୍ଖାସୁରର ଅସ୍ଥି ବିରାଟକାୟ ଶଙ୍ଖ ରୂପେ ରହିଛି। ଏଭଳି ଶଙ୍ଖ ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ। ବାବା ରଘୁବର ଦାସଙ୍କ ପ୍ରତିଷ୍ଠିତ ଏହି ମଠରେ ସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ପ୍ରଭାତରୁ ରାତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ସାହୁସାହି ଓ ସୁନ୍ଦରପୁର ଗ୍ରାମର ଧାର୍ମିକ ବ୍ୟକ୍ତିଙ୍କ ଦ୍ୱାରା ନାମ ସଂକୀର୍ତ୍ତନ, ଭାଗବତ ପଠନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ପାଳସାହି ଓ ସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଶ୍ରଦ୍ଧାଳୁ ମଠରେ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ଅପରାହ୍ନ ସାଢ଼େ ୩ଟାରେ ତିନିଠାକୁରଙ୍କୁ ସ୍ନାନବେଦୀକୁ ଅଣାଯାଇଥିଲା। ସେଠାରେ ଗୋପାଳମାନଙ୍କ ଦ୍ୱାରା ବୈତରଣୀ ନଦୀରୁ ୧୦୮ କଳସ ଜଳ ଅଣାଯାଇ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ଭକ୍ତମାନଙ୍କ ହରିବୋଲ, ହୁଳହୁଳି, ସଂକୀର୍ତ୍ତନରେ ସ୍ନାନପର୍ବ ସମ୍ପାଦନ କରାଯାଇଥିଲା। ଏଠାରେ ରୁଣ୍ଡିଭୂତ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଯାଇଥିଲେ। ସନ୍ଧ୍ୟାରେ ପ୍ରଭୁଙ୍କ ପାଖରେ ଆଳତି କରାଯାଇଥିଲା। ପରେ ବିଧି ଅନୁଯାୟୀ ମଠର ସ୍ଥାୟୀ ପୂଜକ ବ୍ରଜକିଶୋର ପଣ୍ଡା, ବୀରକିଶୋର ପଣ୍ଡା, ମହନି ଚରଣ ପଣ୍ଡାଙ୍କ ଦ୍ୱାରା ଅନ୍ୟ ପୂଜା ସମାପିତ ହୋଇଥିଲା। ସମସ୍ତ ପୂଜା ବେଳେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୁରୀ ଚାରଣ ଗୋଷ୍ଠୀ ସଦସ୍ୟ ଶ୍ରୀ ଶୁକ ଭାଇଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଭକ୍ତଙ୍କୁ ବାନ୍ଧି ରଖିଥିଲା। ଶ୍ୱେତାମ୍ବର ସାହୁ, ପୀତବାସ ସାହୁ, ନିମାଇଁ ସାହୁ, କେଶବ ସାହୁ, ବଟ ଦାସ, ପ୍ରକାଶ ଦାସ, ଅଭୟ ସାହୁ, ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସହଯୋଗରେ ମଠରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା

**ବନ୍ତ, ୧୭।୬ (ଡି.ଏନ୍.ଏ.)**

ବନ୍ତ ବ୍ଲକ ବିରିଗଡ଼ିଆ ମଠସ୍ଥିତ ନୃସିଂହନାଥଜୀଉଙ୍କ ମନ୍ଦିରରେ ସୋମବାର ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶୁତୋଷ ଆଚାର୍ଯ୍ୟ ଓ ସଞ୍ଜୟ ମଜୁମଦାରଙ୍କ ପ୍ରଦତ୍ତ ଶ୍ରୀରାଧାକୃଷ୍ଣଙ୍କ ସମେତ ଚାରି ସଖାଙ୍କ ବିଗ୍ରହଙ୍କୁ ମଠ ପରିସରକୁ ନିଆଯାଇଥିଲା। ପରିଚାଳନା କମିଟି ସଭାପତି ବିବେକାନନ୍ଦ ମିଶ୍ର, ସମ୍ପାଦକ ଅଶୋକ ବେହେରା ଏବଂ ସଭ୍ୟମାନଙ୍କ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭାସ୍କର ଚନ୍ଦ୍ର ଶତପଥୀ ଓ ମହେନ୍ଦ୍ରନାଥ ପଣ୍ଡାଙ୍କ ଦ୍ୱାରା ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସସ୍ମିତ ପଣ୍ଡା ଓ କଳ୍ପନା ପଣ୍ଡା ସଙ୍କଳ୍ପ କରିଥିଲେ। ପ୍ରାରମ୍ଭରେ ଘଟୋତ୍ତୋଳନ ଓ ପରେ ବିଗ୍ରହ ପ୍ରତିଷ୍ଠା, ଯଜ୍ଞ ଏବଂ ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହୋଇଥିଲା। ମଠ ଟ୍ରଷ୍ଟ ବୋର୍ଡର ମୁଖ୍ୟ ନ୍ୟାସୀ କୃଷ୍ଣଚନ୍ଦ୍ର ଭଞ୍ଜରାୟ, କିଶୋର ମଲ୍ଲିକ, ସନାତନ ପେଢ଼ା, ରବୀନ୍ଦ୍ରନାଥ ଓଝା, ଆନନ୍ଦ ରାଜ, ସୌରଭ ଦାଶ, ହରେଶ ମହାରଣା, ଅର୍ଜୁନ ଚଣ୍ଡରାୟ, ଦୁଃଶାସନ ମହାନ୍ତି, ଗୌରୀଶଙ୍କର ମହାନ୍ତି, ହରିହର ଜେନା, ବ୍ରହ୍ମାନନ୍ଦ ପରିଡ଼ାଙ୍କ ସମେତ ଆଖପାଖ ଗ୍ରାମର ଲୋକେ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ଇଟାଗାଡ଼ି ଗ୍ରାମରାସ୍ତା ନିର୍ମାଣରେ ଅବହେଳା

**ତିହିଡ଼ି, ୧୭।୬ (ଡି.ଏନ.ଏ.)**

ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ ଇଟାଗଡ଼ି ଗ୍ରାମରାସ୍ତା ନିର୍ମାଣରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ପରେ ମଧ୍ୟ ରାସ୍ତା ନିର୍ମାଣ ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗାଁ ଲୋକେ ସୋମବାର ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ସପ୍ତାହକ ମଧ୍ୟରେ ରାସ୍ତା ନିର୍ମାଣ ନ ହେଲେ ସେମାନେ ବ୍ଲକ କାର୍ଯ୍ୟାଳୟରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଇଟାଗଡ଼ିଠାରୁ ଜୟପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜିଲାପାଳ ତଦନ୍ତ କରିବା ସହ ପଦକ୍ଷେପ ନେବାକୁ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଇ ନାହିଁ। ବର୍ଷାଦିନ ପୂର୍ବରୁ ରାସ୍ତା ନିର୍ମାଣ ନ ହେଲେ ଲୋକେ ଗ୍ରାମକୁ ଯାତାୟାତ କରିବାରେ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଗଣେଶ ପ୍ରସାଦ ରାଉତ, ଧନେଶ୍ୱର ଗଣ, ଅଶୋକ କୁମାର ଖଟୁଆ, ବସନ୍ତ କୁମାର ସେଠୀ, ସଞ୍ଜୟ ନାଥ, ଅର୍ଜୁନ ସେଠୀ, ନିରାକାର ବେହେରା ପ୍ରମୁଖ ଦର୍ଶାଇଛନ୍ତି।

# ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି

**ବାସୁଦେବପୁର, ୧୭।୬ (ଡି.ଏନ୍.ଏ.)**

ବାସୁଦେବପୁରର ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ଆନନ୍ଦ ଉଲ୍ଲାସର ସହିତ ଦେବସ୍ନାନ ପୂର୍ଣ୍ଣିମା ପାଳନ କରାଯାଇଛି। ଶ୍ରୀଜଗନ୍ନାଥ, ବଳଦେବ, ସୁଭଦ୍ରା ଓ ସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ମନ୍ଦିରରୁ ବାହାର କରାଯାଇ ସ୍ନାନମଣ୍ଡପକୁ ଅଣାଯାଇଥିଲା। ବାସୁଦେବପୁର ପୌରପାଳିକାସ୍ଥିତ ବଂଶୀପାଟଣା ଗ୍ରାମ କଳ୍ପତରୁ ସେବାଶ୍ରମ, ଗୋପାଳପୁର ଗ୍ରାମର ଅନନ୍ତ ବାସୁଦେବ ମନ୍ଦିର, ବରଣୁଆ ଜଗନ୍ନାଥ ମନ୍ଦିର, ବେତଡ଼ା ଚନ୍ଦନପୁର ଜଗନ୍ନାଥ ମନ୍ଦିର ସମେତ ବାସୁଦେବପୁରର ଆରାଧ୍ୟ ଦେବତା ପ୍ରସନ୍ନଦେବଙ୍କ ପୀଠରେ ସ୍ନାନପର୍ବ ପାଳନ କରାଯାଇଛି। ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ କ୍ଷୀର, ନଡ଼ିଆ ଓ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଏହି ସ୍ନାନପର୍ବକୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ।



ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରୁଛନ୍ତି।

## ୩ ଜୁଆଡ଼ି ଗିରଫ

### ଟଙ୍କା ସହ ଜୁଆ ସାମଗ୍ରୀ ଜବତ

**ତିହିଡ଼ି, ୧୭।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ହାଟୁଆରୀ ଗ୍ରାମରେ ପୋଲିସ ରବିବାର ସନ୍ଧ୍ୟାରେ ଚଢ଼ାଉ କରି ୩ ଜୁଆଡ଼ିଙ୍କୁ ଗିରଫ କରିଛି। ଏଥିସହ ପୋଲିସ ୨୯ ହଜାର ଟଙ୍କା ସହ ଜୁଆ ସାମଗ୍ରୀ ଜବତ କରିଛି। ଏ ନେଇ ତିହିଡ଼ି ଥାନାରେ ଏକ ମାମଲା(ନଂ.୨୬୮/୧୯) ରୁଜୁ ହୋଇଛି। ଗିରଫ ଜୁଆଡ଼ିମାନେ ହେଲେ ହାଟୁଆରି ଗ୍ରାମର ବାବୁଲା ଜେନା, ଗୋରାମାଟି ଗ୍ରାମର ମଧୁସୂଦନ ମଲିକ ଓ ଶୁକଦେବ ବେହେରା। ହାଟୁଆରୀ ଗ୍ରାମରେ ନିୟମିତ ଜୁଆଖେଳ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା।

# ସରିଲା ରଜ ମହୋତ୍ସବ: କୃତୀ ପ୍ରତିଯୋଗୀ ପୁରସ୍କୃତ

**ଭଦ୍ରକ ଅଫିସ, ୧୭।୬**

ଭଦ୍ରକ ଜିଲା ଚରମ୍ପା ଏରେଇଁ ଗ୍ରାମଦେବତୀ ମା' ଥାନପତି ପୀଠରେ ଚାଲିଥିବା ୩ ଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ରତ୍ନାକର ସାମଲ, ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ନାୟକ, ଏରେଇଁ କାଳୀପୂଜା କମିଟି ସଭାପତି ଅମୟ ରାଉତ ଏବଂ ସମ୍ପାଦକ ରାଜକିଶୋର ଶତପଥୀ ପ୍ରମୁଖ ମଞ୍ଚାସୀନ ହୋଇ ଗ୍ରାମାଞ୍ଚଳରେ ରଜ ମହୋତ୍ସବ ପରମ୍ପରାକୁ ବଞ୍ଚାଇ ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ୨ୟ ଦିନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତି ସାଙ୍ଗକୁ ଲୁଡୁ, ବାଗୁଡି, ପୁଚି ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏରେଇଁର ୫୦ ବର୍ଷର ପୁରୁଣା କଳାକାର ଭଜହରି ଦାସ, ନାରାୟଣ ଚନ୍ଦ୍ର ରାଉତ, ଗୌରହରି ବେହେରା, ନବକିଶୋର ବେହେରା, ଦୁଃଶାସନ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବାଲେଶ୍ୱରରୁ ଆସିଥିବା କଳାକାରଙ୍କ ମେଲୋଡି ଦର୍ଶକଙ୍କ ମନ ମୋହିଥିଲା। ଥାନପତି ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ପାଳଦାବାଙ୍କରେ ହେବ ଓଭରବ୍ରିଜ

**ଭଣ୍ଡାରିପୋଖରୀ, ୧୭।୬ (ଡି.ଏନ.ଏ.)**

ଦୀର୍ଘବର୍ଷର ପ୍ରତୀକ୍ଷା ପରେ ପୂରଣ ହେବାକୁ ଯାଉଛି ଲୋକଙ୍କ ଦାବି। ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ-ମଣିନାଥପୁର ରାସ୍ତାର ପାଳଦାବାଙ୍କଠାରେ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ଏ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ ପରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଓଭରବ୍ରିଜ ନିର୍ମାଣ ସକାଶେ ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱରସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ପି. ନାଗେଶ୍ୱର ରାଓ ଏବଂ ଠିକାସଂସ୍ଥା ଦିଲୀପ ବିଲକନର ଏଜିଏମ୍ ଦିଲୀପ ସିଂ ସୋମବାର ଅପରାହ୍ନରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଭାଜପାର ଭଦ୍ରକ ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ରାମଚନ୍ଦ୍ର ସେନାପତି, ଗିରୀଶ ସାମଲ, ସୁବାସ ନନ୍ଦ, ନିର୍ମଳ କର, ଶଶିଭୂଷଣ ସାହୁ, ଅଲେଖ ସେନାପତି, ଶିବାନନ୍ଦ ସାହୁ, ନିର୍ମଳ ସେନାପତି, ଟୁଲୁ ନାୟକ, ରାଜୁ ପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ପାଳଦାବାଙ୍କଠାରେ ୧୮ ମିଟର ଓସାର ଏବଂ ୫.୫ ମିଟର ଉଚ୍ଚତା ବିଶିଷ୍ଟ ଓଭରବ୍ରିଜ ନିର୍ମାଣ ସହ ଉତ୍ତରବାଡସ୍ଥିତ ଚକବନ୍ଦୀ ଅଫିସ ଛକଠାରୁ ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଉଭୟପାର୍ଶ୍ୱରେ ସର୍ଭିସ ରୋଡ୍ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ଓ ଧାମନଗର ଛକରେ ଅଣ୍ଡରପାସ୍ ନିର୍ମାଣ କରାଯିବ ବୋଲି ନିର୍ଦ୍ଦେଶକ ରାଓ ପ୍ରତିଶ୍ରୁତି ଦେବା ସହ ଠିକାସଂସ୍ଥାକୁ କାମ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ଥାୟୀ କର୍ମଚାରୀ ଦାବିରେ ପାଚିକାଙ୍କ ବିକ୍ଷୋଭ

**ଭଦ୍ରକ ଅଫିସ, ୧୭।୬**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ମଧ୍ୟାହ୍ନଭୋଜନ କାର୍ଯ୍ୟରେ ନିୟୋଜିତ ଥିବା ପାଚିକାମାନଙ୍କୁ ସରକାରୀ ଭାବେ ସ୍ଥାୟୀ କର୍ମଚାରୀ ସମେତ ବିଭିନ୍ନ ଦାବି ନେଇ ସୋମବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାରେ କାର୍ଯ୍ୟରତ ଶତାଧିକ ପାଚିକା ସିଆଇଟିୟୁ ନେତୃତ୍ୱ ମଳୟ ଭୋଇ, ଶାନ୍ତିଲତା ନାୟକ, ମହେଶ୍ୱର ନାୟକ, ବିଷ୍ଣୁ ପ୍ରଧାନ, ସେକ୍ କମର, ଡ. ସୁଲୋଚନା ମଲ୍ଲିକ ଓ ଜୟଶ୍ରୀ ଜେନାଙ୍କ ନେତୃତ୍ୱରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମସ୍ତଙ୍କୁ ୪ର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ମାସକୁ ୧୮ ହଜାର ଟଙ୍କା ବେତନ, ସମାନ କାମକୁ ସମାନ ମଜୁରି ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ୨ ହଜାର ଟଙ୍କା ମାସିକ ବେତନ ତୁରନ୍ତ ପ୍ରଦାନ, ସମସ୍ତଙ୍କୁ ବର୍ଷକୁ ୨ ଖଣ୍ଡ ଶାଢ଼ି, ହାତଧୁଆ ଓ ଲୁଗାସଫା ଖର୍ଚ୍ଚ ବାବଦକୁ ମାସକୁ ୨ ଶହ ଟଙ୍କା, ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ ଆଦି ଦାବି କରାଯାଇଛି। ସିଟୁ ନେତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଜିଲାପାଳଙ୍କ ଅଫିସ ସାମ୍ନାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକନେତା ବିଷ୍ଣୁ ଦାଶ, ମଳୟ ଭୋଇ, ଦିଲୀପ ନାୟକ, ରାଧା ଦାସ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ନିନ୍ଦା କରିଥିଲେ। ଏମ୍‌ପି ଏବଂ ବିଧାୟକମାନଙ୍କର ଦରମା ବଢୁଥିବା ବେଳେ ସେମାନଙ୍କୁ ପେନ୍‌ସନ ମଧ୍ୟ ମିଳୁଛି। କିନ୍ତୁ ଶ୍ରମଜୀବୀ ମହିଳା ପାଚିକାମାନଙ୍କ ଉପରେ ଶୋଷଣକୁ ପ୍ରତିହତ କରିବା ପାଇଁ ଲଢ଼େଇ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଶେଷରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା।

# ଠକେଇ ଅଭିଯୋଗରେ ଆଳୁ ବ୍ୟବସାୟୀ ଗିରଫ

**ବାସୁଦେବପୁର, ୧୭।୬ (ଡି.ଏନ.ଏ.)**

ଭଦ୍ରକ ମୁଖ୍ୟ ସହରର ତହସିଲ ରୋଡ୍‌ରେ ଆଳୁ ବ୍ୟବସାୟ କରୁଥିବା ଫକୀରୁଦ୍ଦିନ ଖାଁ ନାମକ ଜଣେ ବ୍ୟକ୍ତିଙ୍କୁ ୩୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ବାସୁଦେବପୁର ଥାନା ପୋଲିସ ଗିରଫ କରି ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ବାସୁଦେବପୁର ପୌରପାଳିକା ଅଧୀନ ଦେଉଳୀ ଗ୍ରାମର ଟ୍ରକ ମାଲିକ ଅଜୟ କୁମାର ମହାନ୍ତିଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଫକୀରୁଦ୍ଦିନଙ୍କୁ ଗିରଫ କରିଛି। ତାଙ୍କ ଘର ପୁରୁଣାବଜାରର ବଡ଼ଶଙ୍କରପୁର ଗ୍ରାମରେ।

**୨ ସହଯୋଗୀଙ୍କ ନାମରେ ମାମଲା**

ଅଜୟ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଟ୍ରକ ଯୋଗେ ଫକୀରୁଦ୍ଦିନ ୨୦୧୭-୧୮ ଆର୍ଥିକ ବର୍ଷରେ ଆଳୁ ବ୍ୟବସାୟ କରୁଥିଲେ। ଏହି ବ୍ୟବସାୟ ଚାଲୁଥିବା ବେଳେ ଫକୀରୁଦ୍ଦିନ ପ୍ରାପ୍ୟ ବାବଦକୁ ୩୧ ଲକ୍ଷ ୧୬ ହଜାର ୯୬୫ ଟଙ୍କା ନ ଦେଇ ଠକି ଚାଲିଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଫକୀରୁଦ୍ଦିନ ପୋଲିସଠାରୁ ଲୁଚି ବୁଲୁଥିଲେ। ଅଭିଯୋଗ କ୍ରମେ ଗତ ଫେବୃଆରୀ ୧ ତାରିଖରେ ବାସୁଦେବପୁର ଥାନାରେ ଏକ ମାମଲା(ନଂ.୩୧/୧୯) ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଫକୀରୁଦ୍ଦିନଙ୍କୁ ଗିରଫ କରିବା ସହ ଅନ୍ୟ ଦୁଇ ସହଯୋଗୀଙ୍କ ନାମରେ ମାମଲା ରୁଜୁ କରିଛି।




# ପୃଥକ ସ୍ଥାନରେ ଦୁର୍ଘଟଣା, ୨ ମୃତ

**ବସ୍ତା/ଭୋଗରାଇ ୧୭।୬(ଡି.ଏନ.ଏ./ସ୍ୱ.ପ୍ର.)**

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ସୋମବାର ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମୁକୁଳିସି ପଞ୍ଚାୟତ ଦରଡା ଗ୍ରାମର ଶୁକମଣି ବିନ୍ଧାଣୀ (୩୫) ଓ ଭୋଗରାଇ ଥାନା ଅଧୀନ ରସଲପୁର ଗାଁର ଗୌରାଙ୍ଗ ଦାସ(୩୨)। ବସ୍ତା ଥାନା ୬୦ନଂ. ଜାତୀୟ ରାଜପଥର କୁଣ୍ଡପୁର ଛକ ନିକଟରେ ଏକ କାର ବାଇକକୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍ (ନଂ.ଡବ୍ଲ୍ୟୁବି୩୬ଏ ୯୨୬୩) ସାମନା ପଟୁ ଆସୁଥିବା ଏକ ବାଇକ୍(ନଂ.ଓଡି୦୧ଏମ୍ ୪୯୦୪)କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚୁରମାର ହେବା ସହ ଗାଡିରେ ବସିଥିବା ବାଇକ ଆରୋହୀ ମୁକୁଳିସି ପଞ୍ଚାୟତ କୁଠିଆ ଗ୍ରାମର ମୁନା ମୁଖୀ (୩୮) ଓ ତାଙ୍କ ପଛରେ ବସିଥିବା ଦରଡା ଗ୍ରାମର ଶୁକମଣି ବିନ୍ଧାଣୀ (୩୫) ବହୁଦୂରକୁ ଛିଟିକି ପଡି ଗୁରୁତର ହୋଇଥିଲେ। ସେମାନଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ଉଦ୍ଧାର କରି ରାଜପଥ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଡାକ୍ତରଖାନାରେ ଶୁକମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

ସେହିପରି ଭୋଗରାଇ ଥାନା ଅଧୀନ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥର ଜଳସୋହରିଆ ନିକଟରେ ଚନ୍ଦନେଶ୍ୱର ପଟୁ ଆସୁଥିବା ବାଇକ ଆରୋହୀ ରସଲପୁର ଗାଁର ଗୌରାଙ୍ଗ ଦାସ(୩୨)ଙ୍କ ସହ ବିପରୀତ ଦିଗରୁ ଆସୁଥିବା ଏକ ଧାନ ବୋଝେଇ ଟ୍ରକର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଗୌରାଙ୍ଗଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଟ୍ରକ ଚାଳକଙ୍କୁ ଥାନାରେ ଅଟକ ରଖିବା ସହ ଉଭୟ ବାଇକ ଓ ଟ୍ରକ ଜବତ କରିଛି। ସେହିପରି ଭୋଗରାଇ ଗାଁର ସୁକାନ୍ତ କୁମାର ଦେ ତାଙ୍କ ବାପା ବିଦୁଭୂଷଣ(୯୪)ଙ୍କୁ ବାଇକରେ ବସାଇ ଭୋଗରାଇ ବ୍ଲକ କାର୍ଯ୍ୟାଳୟକୁ ଯାଉଥିଲେ। ବ୍ଲକ ଭିତରକୁ ପଶିବା ବେଳକୁ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ ସୁକାନ୍ତଙ୍କ ବାଇକକୁ ଧକ୍କା ଦେଇଥିଲା। ଏଥିରେ ସୁକାନ୍ତ ଓ ତାଙ୍କ ବାପା ଗୁରୁତର ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଜଳେଶ୍ୱରପୁର ଡାକ୍ତରଖାନା, ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଉଭୟଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଯୁବକଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**ଯୋଡ଼ା, ୧୭।୬(ଡି.ଏନ.ଏ.)**- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ି ଠାରେ ଜଣେ ଯୁବକ ହଠାତ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପରେଶ କୁମାର ମହାନ୍ତିଙ୍କ ସୂଚନା ଅନୁଯାୟୀ, ଜୁରୁଡ଼ି ପେଣ୍ଠେଇବସ୍ତି ଅଞ୍ଚଳରେ ରହୁଥିବା ଦେବରାଜ ପତିଙ୍କ ପୁଅ ଲୋକେଶ ପତିଙ୍କ(୧୮) ସୋମବାର ଅପରାହ୍ନରେ ହଠାତ ମୁଣ୍ଡ ବୁଲାଇଲା। ସେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଯୋଡ଼ାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଲୋକେଶ ପତିଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପୋଲିସ ଖବର ପାଇ ଏକ ଅପମୃତ୍ୟୁ ମାମଲା (ନଂ.୬/୨୦୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଥିବା ପୋଲିସ ସୂଚନା ଦେଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ଚାଷୀଙ୍କୁ ମାଗଣା ମକା ବିହନ ବଣ୍ଟନ



**ଚମ୍ପୁଆ, ୧୭।୬(ଡି.ଏନ୍.ଏ.)**- ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ପକ୍ଷରୁ ଚମ୍ପୁଆ କୃଷି କାର୍ଯ୍ୟାଳୟଠାରେ ଚାଷୀଙ୍କୁ ମାଗଣା ହେକ୍ଟର ପିଛା ୧୫ କି.ଗ୍ରା. ବିହନ ଯୋଗାଇ ଦିଆଯାଇଥିବା ଜଣାପଡିଛି। ସୂଚନା ଅନୁସାରେ କୃଷି ବିଭାଗ ପକ୍ଷରୁ ଚଳିତ ଋତୁରେ ୭୫ ହେକ୍ଟର ଜମିରେ ମକାଚାଷ କରାଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୫୦ ହେକ୍ଟର ଚାଷ ବାବଦକୁ ଚାଷୀଙ୍କୁ ଜମି ଅନୁସାରେ ଏହି ବିହନ ପ୍ରଦାନ କରାଯାଇଛି। ବିହନ ସହ ମାଗଣା ଔଷଧ ମଧ ପ୍ରଦାନ କରାଯାଇଛି। ମକାଚାଷର ପେଣ୍ଠସ୍ଥଳୀ ଗୋଧୂଳି ଗ୍ରାମର ଚାଷୀଙ୍କୁ ଚୟନ କରି ପ୍ରାଥମିକତା ଦିଆଯାଇଛି। ପ୍ରାୟ ୬୦ ରୁ ୭୦ଜଣ ଚାଷୀଙ୍କୁ ମକାବିହନ ବଣ୍ଟନ କରାଯାଇଛି।

### ସରିଲା କୁଆପଶି ରଜ ମହୋତ୍ସବ

**ପାଟଣା,୧୭।୬(ସ୍ୱ.ପ୍ର.)**-କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ କୁଆପଶି ସ୍ଥିତ ଲକ୍ଷ୍ମୀନାରାୟଣ କ୍ଲବ ତରଫରୁ ରବିବାର ରାତିରେ କ୍ଲବ ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ରଜ ମହୋତ୍ସବ ୨୦୧୯ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିରଞ୍ଚି କୁମାର ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଅଜୟ କୁମାର ଦାଶ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ରାହାସ ବିହାରୀ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ବିକ୍ରମ ଚରଣ ମୁଣ୍ଡା, ଖବର ଦାତା ବୀରକିଶୋର ଦାଶ, ନାରୀ ନେତ୍ରୀ ଦଶମତି ଚାତାର ଓ ଯୁବନେତା ଅବିନାଶ ଦାଶ ପ୍ରମୁଖ ଯୋଗ ଦେଇ ରଜ ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ତରୁଣ ଗାଙ୍ଗୁଲି ସଂଯୋଜନା କରିଥିବା ବେଳେ ପବିତ୍ର କୁମାର ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।

### ବଳରାମ ଦାସଙ୍କ ଜୟନ୍ତୀ



**ଆନନ୍ଦପୁର,୧୭। ୬(ସ୍ୱ.ପ୍ର.)**- ଘସିପୁରା ବ୍ଲକ ବାତୋ ସ୍ମୃତି ନିଳୟଠାରେ ବଳରାମ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ରାମଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅତିଥି ଭାବେ ଗଙ୍ଗାଧର ପରିଡ଼ା, ଜଗବନ୍ଧୁ ଚକ୍ର, ଝରଣା ସାହୁ, ନିବେଦିତା ପଣ୍ଡା, ରାଧାରମଣ ମହାରାଜ, ନରହରି ରାଉତ, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ବଳରାମ ଦାସଙ୍କ ଜୀବନୀ, ଲକ୍ଷ୍ମୀପୁରାଣ, ଦାଣ୍ଡି ରାମାୟଣ, ଭାବ ସୁନ୍ଦେନ୍ଦ୍ର ପ୍ରଭୃତି ରଚନାବଳୀ ଉପରେ ଆଲୋକପାତ କରିଥିଲେ। ପ୍ରାଧାପକ ପ୍ରଫୁଲ୍ଲ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।



**କେନ୍ଦୁଝର:** ହାତୀ ବେଶରେ ଶ୍ରୀଜୀଉ।



**ଢେଙ୍କିକୋଟ:** ସ୍ନାନବେଦୀରେ ତିନି ଦିଅଁ।



**ଆନନ୍ଦପୁର:** ଦଧିବାମନ ଜୀଉଙ୍କ ଗଜାନନ ବେଶ।

# ପବିତ୍ର ସ୍ନାନ ମଣ୍ଡପରେ ଶ୍ରୀଜୀଉ

**ସୋମବାର ଥିଲା ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା। କାଳିଆ ହାତୀ ଟାଣି ହୋଇ ଆସିଥିଲେ ପଦାକୁ। ପ୍ରଚଣ୍ଡ ଗ୍ରୀଷ୍ମର ନିଦାଘରେ ଦେହ ଅସଜ ହେବାରୁ ୧୦୮ ଗରା ଜଳରେ ଗାଧୋଇଲେ ଓଡ଼ିଆଙ୍କ ପ୍ରାଣ ପ୍ରିୟ କଳା ଠାକୁର। ସ୍ନାନ ମଣ୍ଡପରେ ମଣିମାଙ୍କ ଝଲକ ଟିକେ ପାଇ କିଏ କୃତ୍ୟ କୃତ୍ୟ ହେଲା ତ ପୁଣି ଆଉ କିଏ ଅଶ୍ରୁପାତ କରି ତା' ପ୍ରେମର ଋଣରେ ପୁଣି ଥରେ ହେଲା ଋଣୀ। ବଡ଼ ଠାକୁରଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରାର ଆରମ୍ଭ ହେଲା। ସାରା ଓଡ଼ିଶାରେ ଥିବା ଜଗନ୍ନାଥ ମନ୍ଦିରରେ ପାଳିତ ହୋଇଛି ଏହି ସ୍ନାନୋତ୍ସବ। ଏହି କ୍ରମରେ କେନ୍ଦୁଝର ଜିଲାରେ ମଧ ବିପୁଳ ହର୍ଷୋଲ୍ଲାସରେ ପାଳିତ ହୋଇଛି ମହାପ୍ରଭୁଙ୍କ ପବିତ୍ର ସ୍ନାନ ପୂର୍ଣ୍ଣିମା।**

## ଗଜାନନ ବେଶରେ ବଳଦେବଜୀଉ

**କେନ୍ଦୁଝର, ୧୭।୬(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝରର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ସ୍ନାନ ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି ଅବସରରେ ସେବାୟତମାନେ ଘଣ୍ଟ, ହୁଳହୁଳି ପକାଇ ଶ୍ରୀଜୀଉଙ୍କୁ ଶ୍ରୀମନ୍ଦିରରୁ ଧାଡ଼ି ପହଣ୍ଡି କରି ସ୍ନାନମଣ୍ଡପକୁ ନେଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ୧୦୮ କଳସରେ ସୁବାସିତ ଜଳ ଅଣାଯାଇ ସେମାନଙ୍କ ସ୍ନାନନୀତି ସମ୍ପନ୍ନ କରାଯାଇଥିଲା। ବିଭିନ୍ନ ତୀର୍ଥସ୍ଥଳରୁ ଜଳ ଅଣାଯାଇ ଓ ମନ୍ଦିର ପରିସରରେ ଥିବା ସୁନାକୂପର ଜଳରେ ଏହି ସ୍ନାନକାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଏହି ଅବସରରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ଦେଖିଥିଲେ। ଅପରାହ୍ନରେ ଶ୍ରୀଜୀଉଙ୍କୁ ତୁଳସୀ, ଅଁଳା ଆଦି ପତ୍ର ଓ ଫୁଲରେ ହାତୀ ବେଶରେ ସଜାଇଥିଲେ। ଶ୍ରୀଜୀଉଙ୍କୁ ହାତୀ ବେଶରେ ଦେଖିବା ସହ ପୂଜାର୍ଚ୍ଚନା କରିବାକୁ ଭକ୍ତଙ୍କ ଭିଡ଼ ଜମିଥିଲା। ସ୍ନାନବେଦିରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ପୁଣ୍ୟ ମିଳିଥାଏ ବୋଲି ଲୋକ ଙ୍କ ବିଶ୍ୱାସ ରହିଛି। ସକାଳୁ ଶ୍ରୀଜୀଉଙ୍କ ଅବକାଶ ନୀତି, ମୈଲମ ଲାଗି ହୋଇଥିଲା। ଏହା ପରେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ମନ୍ଦିରକୁ ବିଜେ କରାଯାଇଥାଏ।

## ସିଦ୍ଧ ଜଗନ୍ନାଥଙ୍କ ଗଜବେଶ

ସେହିପରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସିଦ୍ଧ ଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣିମା ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କୁ ପହଣ୍ଡି କରି ଭକ୍ତ ମାନେ ସ୍ନାନମଣ୍ଡପକୁ ଆଣି ସ୍ନାନ ନୀତି ଅବଲମ୍ବନ କରାଯାଇଥିଲା। ଅପରାହ୍ନରେ ମହାପ୍ରଭୁଙ୍କୁ ବିଭିନ୍ନ ପତ୍ର ଓ ଫୁଲରେ ସୁସଜ୍ଜିତ କରି ହାତୀ ବେଶ କରାଯାଇଛି। ସିଦ୍ଧ ଜଗନ୍ନାଥ ଭକ୍ତ ମାନଙ୍କୁ ହାତୀ ବେଶରେ ଦର୍ଶନ ଦେଇଛନ୍ତି। ଏହାକୁ ଦେଖିବାକୁ ଭକ୍ତଙ୍କ ଭିଡ ଜମିଥିଲା। ଭକ୍ତଙ୍କ ଦର୍ଶନ ପରେ ମହାପ୍ରଭୁଙ୍କୁ ପହଣ୍ଡି କରି ମନ୍ଦିରକୁ ନିଆଯାଇଥିଲା।

## ଦଧିବାମନ ଜୀଉଙ୍କ ସ୍ନାନ ନୀତି

**ଆନନ୍ଦପୁର,(ସ୍ୱ.ପ୍ର.)**

ଆନନ୍ଦପୁର ଓ ଘସିପୁରା ଅଞ୍ଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା କାର୍ଯ୍ୟ ମହା ଆଡମ୍ବରରେ ସମ୍ପନ୍ନ ହୋଇଛି। ପବିତ୍ର ସ୍ନାନ ପୂର୍ଣ୍ଣମୀ ଉପଲକ୍ଷେ ଆନନ୍ଦପୁର ଆରାଧ୍ୟ ସର୍ବଧର୍ମ ସମନ୍ୱୟର ପ୍ରତୀକ ଦାରୁବ୍ରହ୍ମ ଶ୍ରୀ ଶ୍ରୀ ଦଧିବାମନ ଜୀଉ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀସୁଦର୍ଶନ ମାନବୀୟ ଲୀଳା ସ୍ୱରୂପ ଜନ୍ମ ଦିବସରେ ରତ୍ନ ସିଂହାସନରୁ ଓହ୍ଲାଇ ସ୍ନାନମଣ୍ଡପରେ ସର୍ବସମ୍ମୁଖରେ ସ୍ନାନପୂର୍ଣ୍ଣିମା ଅବସରରେ ପ୍ରତ୍ୟକ୍ଷ ୧୦୮ କୁମ୍ଭ କେଶର କର୍ପୂର ଚୁଆ ଚନ୍ଦନ ମିଶ୍ରିତ ସୁବାସିତ ଜଳରେ ସ୍ନାନ କରିଥିଲେ। ଏଥିପାଇଁ ପ୍ରାତଃ ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମନ୍ଦିରର ପୂଜାପଣ୍ଡା ଏବଂ ସୁଆରମାନେ ପହଣ୍ଡି କରାଇ ସ୍ନାନମଣ୍ଡପକୁ ଆଣିଥିଲେ। ରୀତିନୀତି ଅନୁଯାୟୀ ଅଧିବାସ କରାଯାଇଥିବା ସୁବାସିତ ଜଳରେ ସ୍ନାନକରି ନୂତନବସ୍ତ୍ର ପରିଧାନ ପୂର୍ବକ ଷୋଡ଼ଶ ଉପଚାରରେ ପୂଜା କରାଯାଇ ଶୀତଳ ଭୋଗ ସମର୍ପଣ କରାଯାଇଥିଲା। ପରେ ଗଜାନନ ବେଶରେ ପ୍ରଭୁ ସର୍ବସାଧାରଣଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ଆଳତି ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ପିଣ୍ଡିକୁ ପହଣ୍ଡି ମାଧ୍ୟମରେ ନିଆଯାଇ ୧୫ଦିନ କାଳ ଗୁପ୍ତସେବା ପୂଜା କରାଯିବ ବୋଲି ଆନନ୍ଦପୁର ଦଧିବାମନ ଜୀଉ ମନ୍ଦିରର ପୂଜାପଣ୍ଡା ସୂଚନା ଦେଇଛନ୍ତି। ଉପଜିଲାପାଳ ତଥା ଦେବୋତ୍ତର ବିଭାଗର ମୁଖ୍ୟ ରବୀନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ନାନ ଉତ୍ସବ ସୁଚାରୁ ରୂପେ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ଉକ୍ତ ସ୍ନାନ ଉତ୍ସବରେ ଆନନ୍ଦପୁରର ପୁରପଲ୍ଲୀରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଘସିପୁରା ବ୍ଲକର ନୂଆପଡ଼ା ଠାରେ ଥିବା ପତିତପାବନ କ୍ଷେତ୍ର, ଶାଳପଡ଼ା ଜଗନ୍ନାଥ ମନ୍ଦିର, ବଞ୍ଚୋ ଜଗନ୍ନାଥ ମନ୍ଦିର, ଜନାର୍ଦ୍ଦନପୁର ଶାସନ ଜଗନ୍ନାଥ ମନ୍ଦିର ପ୍ରଭୃତି ସ୍ଥାନରେ ମହାସମାରୋହରେ ଦେବସ୍ନାନ ନୀତି ସମ୍ପନ୍ନ ହୋଇଥିଲା।

## ସ୍ନାନ କଲେ ତିନି ଠାକୁର

**ଢେଙ୍କିକୋଟ, (ଡି.ଏନ୍.ଏ.)**

ସୋମବାର ଥିଲା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ଏହି ଅବସରରେ ଢେଙ୍କିକୋଟ ଜଗନ୍ନାଥ ମନ୍ଦିର କମିଟି ତରଫରୁ ସ୍ନାନ ପୂର୍ଣ୍ଣିମା ପାଳନ କରାଯାଇ ପ୍ରତିବର୍ଷ ପରି ଶ୍ରୀମନ୍ଦିରରୁ ତିନି ଠାକୁରଙ୍କୁ ଯଥା ରୀତିନୀତିରେ ସ୍ନାନ ମଣ୍ଡପକୁ ବାହାର କରି ମନ୍ଦିର ପୂଜକଙ୍କ ଦ୍ୱାରା ପୂଜା କରି ଠାକୁରଙ୍କୁ ସ୍ନାନ କରାଯାଇଥିଲା। ଏଥିରେ କମିଟିର ସଭାପତି ରାମଚନ୍ଦ୍ର ସାହୁ ନୀଳମଣି ମଣ୍ଡଳ ଉପଦେଷ୍ଟା ଦୀନମଣି ବେହେରା, କୁଳମଣି ମଣ୍ଡଳ, ଦିନେଶ କୁମାର ମିଶ୍ର, ଅଭିମନ୍ୟୁ ବେହେରା, ପଞ୍ଚାନନ ମଣ୍ଡଳ, ସୁମନ୍ତ ମଣ୍ଡଳ, ବିଜୟ କୁମାର ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବାହ୍ନ ୧୧ଟାରୁ ଆରମ୍ଭ କରାଯାଇଥିବାବେଳେ ଅପରାହ୍ନ ଗୋଟାଏ ବେଳେ ନୀତି ଶେଷ ହୋଇଥିଲା। କମିଟିର ସମସ୍ତ ସଦସ୍ୟ ସମେତ ଭକ୍ତଙ୍କ ସମାଗମ ହୋଇଥିଲା। ପରେ ଠାକୁରଙ୍କୁ ଅଣସର ଘରେ ପ୍ରବେଶ କରାଯାଇଛି। ଆସନ୍ତା କାଲିଠାରୁ ଠାକୁରଙ୍କ ରୀତିନୀତି ବନ୍ଦ ରହିବ ବୋଲି ପୂଜକ ପ୍ରକାଶ କରିଛନ୍ତି।

## ତିନି ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା

**ବଡବିଲ, (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲର ତିନୋଟି ଜଗନ୍ନାଥ ମନ୍ଦିରର ସ୍ନାନମଣ୍ଡପରେ ବିଜେ ହୋଇ ମହାସ୍ନାନ କରିଛନ୍ତି। ବଡବିଲସ୍ଥିତ କଲ୍ୟାଣେଶ୍ୱର ମନ୍ଦିର, ହରିହର ମନ୍ଦିର ଓ ଶ୍ରୀ ଜଗନ୍ନାଥ ମନ୍ଦିରରେ ଏହି ସ୍ନାନଉତ୍ସବ ବେଶ ଜାକଜମକରେ ଅନୁଷ୍ଠିତ ହୋଇଛି। ସୋମବାର ପୂର୍ବାହ୍ନରେ ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ଅଣାଯିବା ପରେ ଗଙ୍ଗାଦେବୀଙ୍କୁ ଆବାହନ କରାଯାଇଥିଲା। ପୂଜକମାନେ ସଙ୍କଳ୍ପ କରି କଳସରେ ଭର୍ତ୍ତି ଜଳ ଯୋଗେ ମହାପ୍ରଭୁମାନଙ୍କର ସ୍ନାନ ନୀତି ସମ୍ପନ୍ନ କରାଯାଇଥିଲା। ସ୍ନାନପରେ ଚନ୍ଦନ ଲାଗି କରାଯାଇ ଠାକୁରମାନଙ୍କୁ ସଜା ଯାଇଥିଲା। ଏହାପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ଅବକାଶ ନୀତି ହୋଇ ପରେ ସାହାଣମେଲା ଆରମ୍ଭ ହୋଇଥିଲା। ସ୍ନାନନୀତି ଦେଖିବାକୁ ବଡବିଲ ତଥା ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ବେଶ୍ ଭିଡ ପରିଲକ୍ଷିତ ହୋଇଥିଲା।

## ନୀତି କାନ୍ତିରେ ସରିଲା ସ୍ନାନ ପୂର୍ଣ୍ଣିମା

**ପାଟଣା, (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ସ୍ଥିତ ଦାଧିବାମନ ଜୀଉଙ୍କର ସୋମବାର ପୂର୍ବାହ୍ନରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଗଜାନନ ବେଶ ନୀତି କାନ୍ତିରେ ସମ୍ପନ୍ନ ହୋଇଛି। ସୋମବାର ସକାଳୁ ସେବାୟତ ମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ଧାଡି ପହଣ୍ଡିରେ ବିଜେ କରାଇ ସ୍ନାନ ମଣ୍ଡପକୁ ଆଣି ଥିଲେ। ଏହାପରେ ଦେବ ନୀତିରେ ଜୀଉଙ୍କୁ ସୁବାଶିତ ପାଣିରେ ସ୍ନାନ କରାଇବା ପରେ ଗଜାନନ ବେଶ ସମ୍ପନ୍ନ ହୋଇଥିଲା। ଏହି ଗଜାନନ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଲାଗିରହିଥିଲା। ସେବାୟତଙ୍କ ମଧ୍ୟରେ ବ୍ରହ୍ମା ପ୍ରଦୀପ କୁମାର ମିଶ୍ର, ମୁଖ୍ୟ ପୂଜକ ପ୍ରଦୀପ କୁମାର ପାଣି, କୋଠ ତହସିଲଦାର ବିନୋଦ ବିହାରୀ ସିଂ, ବଡ଼ପଣ୍ଡା ସତ୍ୟାନନ୍ଦ ପଣ୍ଡା ଓ ତୁରୁମୁଙ୍ଗା ଥାନା ଅଧିକାରୀ ବିଜୟ କୃଷ୍ଣ ମହାପାତ୍ରଙ୍କ ଉପସ୍ଥିତି ଓ ତତ୍ତ୍ୱାବଧାନରେ ଠାକୁରଙ୍କ ସ୍ନାନ ନୀତି ସମ୍ପନ୍ନ ହୋଇଛି।

# ଘୁଟୁରରେ ରଜ ମହୋତ୍ସବ ପାଳିତ



ରଜ ମହୋତ୍ସବରେ ଉପସ୍ଥିତ ଅତିଥି।

**କେନ୍ଦୁଝର, ୧୭।୬ (ସ୍ୱ.ପ୍ର.)**

କେନ୍ଦୁଝର ସହର ଉପକଣ୍ଠ ଘୁଟୁର ବିଷ୍ଣୁପାଟ ଠାକୁରାଣୀଶାଳ ନିକଟ ସ୍କୁଲ ପଡ଼ିଆରେ ଘୁଟୁର ରଜ ମଉଜ କମିଟି ପକ୍ଷରୁ ରଜ ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। କମିଟିର ଉପଦେଷ୍ଟା ରମେଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ବରିଷ୍ଠ ଘୋଷକ ସୁପାଇ ମୁର୍ମୁ ଯୋଗଦେଇ ଗ୍ରାମୀଣ ଲୋକଙ୍କ ଜୀବନଶୈଳୀ ଓ ସେମାନଙ୍କ ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ ରଜପର୍ବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ବିମ୍ବାଧର ବେହେରା ଯୋଗଦେଇ ଓଡ଼ିଆ ଜାତିର ପ୍ରମୁଖ ପର୍ବ ରଜ ପର୍ବର ପରମ୍ପରା ଉପରେ ମତ ଦେଇଥିଲେ। ଏହି କମିଟି ଆଖପାଖ ଅଞ୍ଚଳରେ କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଥିଲେ। ରଜ ମଉଜ କମିଟିର ସମ୍ପାଦକ ରାଜୁ ନାୟକ ଅତିଥି ପରିଚୟ, ଆଙ୍କରିଂ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨ଦିନ ବ୍ୟାପୀ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହର ଏବଂ ଆଖପାଖ ଅଞ୍ଚଳରୁ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଘୁଟୁର, ସିଲୁଆଁ, ଗୋବିନ୍ଦପୁର, ଗୁମୁରା, ବଣିଆପାଟ ଅଞ୍ଚଳରୁ ୫ଟି ଦଳ ଭାଗନେଇଥିଲେ। ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ପୁଚି ପ୍ରତିଯୋଗିତା, ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ଏବଂ ଝିଅ ପିଲାଙ୍କ ମଧ୍ୟରେ ପୁଚି ଏବଂ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷ ସନ୍ଧ୍ୟାରେ କୁନି କୁନି ପିଲା ଏବଂ ମହିଳାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରଜ ପର୍ବର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ କୃତିତ୍ୱ ହାସଲ କରିଥିବା ମହିଳା ଏବଂ ବାଳିକାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆବାସ କାର୍ଯ୍ୟାଦେଶ, ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ

**ଆନନ୍ଦପୁର,୧୭।୬(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ କଲ୍ୟାଣ ମଣ୍ଡପ ପରିସରରେ ଆବାସ କାର୍ଯ୍ୟାଦେଶ ଓ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିତାଂଶୁ ଶେଖର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୬ୱାର୍ଡର ୧୦୦ ଜଣ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିବା ସହିତ ୨୦ ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ। ବଳକା କାର୍ଯ୍ୟାଦେଶ ଗଡିକୁ ପୌରପାଳିକା କାର୍ଯ୍ୟାଳୟ ପରିସରରେ ପ୍ରଦାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ।

## ଡାକ୍ତରଙ୍କ କଳା ବ୍ୟାଜ୍ ପରିଧାନ

**ପାଟଣା,୧୭।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ସମସ୍ତ ଡାକ୍ତର ସୋମବାର କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ଡାକ୍ତରଙ୍କୁ ସାରା ଦେଶରେ ହେଉଥିବା ଆକ୍ରମଣ ପ୍ରତିବାଦରେ ସୋମବାର ନୂଆଦିଲ୍ଲୀର ଆଇଏମଏ ଓ ଓଡିଶା ଓମସାର ବନ୍ଦ ଡାକରାରେ ଏହି ପ୍ରତିବାଦ ହୋଇଛି। ସୂଚନାଯୋଗ୍ୟ ଯେ, କୋଲକତାର ଦୁଇ ଡାକ୍ତରଙ୍କ ସହ ଛାତ୍ରୀଛାତ୍ରଙ୍କୁ ଦୁର୍ବୃତ୍ତଙ୍କର ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ସାରା ଦେଶର ବିଭିନ୍ନ ସ୍ଥାନରେ ଏହି ପ୍ରତିବାଦ ହୋଇଛି।

# ହେଲପରଙ୍କୁ ମାଡ଼ ମାରି ଲୁଟ୍ ଘଟଣା: ୨ ଗିରଫ

**ଯୋଡ଼ା, ୧୭।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୋଲିସ ଜଣେ ଡମ୍ଫର ହେଲପରଙ୍କୁ ମାଡ଼ ମାରି ଟଙ୍କା ଲୁଟ କରିଥିବା ଘଟଣାରେ ୨ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେମାନେ ହେଲେ ଯୋଡ଼ା ଶହୀଦନଗରର ପ୍ରଭାତ ପିଙ୍ଗୁଆ ଓ ସୁରେଶ ମୁଣ୍ଡା। ପୋଲିସ ସୂଚନା ଦେଇ କହିଛି ଯେ, ୧୫ ତାରିଖ ରାତିରେ ଯୋଡ଼ା ଲକ୍ଷ୍ମୀପଡ଼ିଆ ଠାରେ ଏକ ଡମ୍ଫର ଠିଆ ହୋଇଥିଲା। ଉକ୍ତ ଡମ୍ଫରର ହେଲପର ସତ୍ୟମ ପ୍ରଧାନ ଡମ୍ଫର ଭିତରେ ଶୋଇଥିଲେ। ରାତି



ଗିରଫ ଅଭିଯୁକ୍ତ।

ପ୍ରାୟ ସାଢ଼େ ୧୧ଟାରେ ୪ ଦୁର୍ବୃତ୍ତ ଆସି ହେଲପର ସତ୍ୟମଙ୍କୁ ଉଠାଇ ପ୍ରବଳ ମାଡ଼ ମାରିବା ସହିତ ୬୫୦୦ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଲୁଟ କରିନେଇଥିଲେ। ଏ ନେଇ ଯୋଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖି ସୋମବାର ଯୋଡ଼ା ଅଞ୍ଚଳର ଉକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ଠାରୁ ଲୁଟ ହୋଇଥିବା ୬୫୦୦ଟଙ୍କା ମଧ୍ୟରୁ ୪ହଜାର ଟଙ୍କା ଜବତ କରିଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ.୯୮/୧୯) ରୁଜୁ ହୋଇଛି।

**ପ୍ରମାଣପତ୍ର ପ୍ରଦାନ ବିଳମ୍ବ**

# ତହସିଲ ଅଫିସରେ ତାଲା

**କେନ୍ଦୁଝର, ୧୭।୬ (ସ୍ୱ.ପ୍ର.)**

କେନ୍ଦୁଝର ସଦର ତହସିଲରେ ବିଭିନ୍ନ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ଘଟୁଥିବାରୁ ଅସନ୍ତୁଷ୍ଟ ଅଭିଭାବକ ମାନେ ସୋମବାର ତହସିଲ କାର୍ଯ୍ୟାଳୟକୁ ତାଲା ପକାଇ ପ୍ରତିବାଦ ଜଣାଇଥିଲେ। ଫଳରେ ତହସିଲରେ କାମକାର୍ଯ୍ୟ ବ୍ୟାହତ ହୋଇଥିଲା। ତହସିଲଦାର ଆସି ଆଲୋଚନା କରି ତୁରନ୍ତ ପ୍ରମାଣପତ୍ର ପ୍ରଦାନ କରିବାକୁ ବ୍ୟବସ୍ଥା କରିବା ନେଇ ପ୍ରତିଶୃତି ଦେବା ପରେ ଅଭିଭାବକ ମାନେ ତାଲ ଖୋଲିଥିଲେ। ଏହାକୁ ନେଇ ଦୀର୍ଘ ଘଣ୍ଟା ଧରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ସହ ତହସିଲରେ କାମକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପ୍ରକାଶ ଯେ ଲୋକେ ବିଭିନ୍ନ ଜନସେବା କେନ୍ଦ୍ର ମାଧ୍ୟମରେ ଜାତି, ଆବାସିକ ଆଦି ପ୍ରମାଣ ପାଇଁ ଆବେଦନ କରିଥାନ୍ତି। ସେଥିପାଇଁ ସେମାନେ ନିର୍ଦ୍ଧାରିତ ଫର୍ମ ସହିତ ଫି ଦାଖଲ କରିଥାନ୍ତି। ଏହି ଫର୍ମ ସେବା ଆଇନ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପାଇବାକୁ ହକଦାର ହୁଅନ୍ତି।





ତହସିଲ ଅଫିସ ଆଗରେ ଅଭିଭାବକଙ୍କ ବିକ୍ଷୋଭ।

ଏହାର ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି। ଏହି ପ୍ରମାଣପତ୍ର ମିଳିଲେ ସେମାନଙ୍କ ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ବା ଚାକିରୀ ପାଇଁ ଆବେଦନ କରିବେ। ତେବେ ସପ୍ତାହକ ମଧ୍ୟରେ ମିଳିବାକୁ ଥିବା ଏହି ପ୍ରମାଣପତ୍ର ଆବେଦନ କରିଥିଲେ ହେଁ ଦୀର୍ଘ ମାସ ହେଲା ପାଇ ନ ଥବାରୁ ଅସନ୍ତୋଷ ଲାଗିରହିଥିଲା।

ଆଉ ଦୁଇ ଦିନ ପରେ ପିଲାଙ୍କ ଅନଲାଇନରେ ନାମ ଲେଖା ତାରିଖ ଶେଷ ହେବ। ତେବେ ଜନସେବା କେନ୍ଦ୍ରରେ ଆବେଦନ କରିଥିଲେ ହେଁ ଅଦ୍ୟାବଧି ଆବାସିକ, ଜାତି ପ୍ରମାଣପତ୍ର ସମେତ ଅନ୍ୟାନ୍ୟ ପ୍ରମାଣପତ୍ର ମିଳିଲା ନାହିଁ। ନାମ ଲେଖାଇ ନ ପାରିଲେ ପିଲାଙ୍କର ଭବିଷ୍ୟତ ଅନ୍ଧକାର ହୋଇଯିବ। ଏନେଇ ଜନସେବା କେନ୍ଦ୍ରକୁ ଯାଇ ଦାବି କଲେ ତହସିଲ ପକ୍ଷରୁ ଦେବାରେ ବିଳମ୍ବ କରୁଥିବା କହୁଛନ୍ତି। ଏଣୁ ବାଧ ହୋଇ ଏନେଇ ତହସିଲକୁ ବାରମ୍ବାର ଜଣାଇଲେ ମଧ ପଦକ୍ଷେପ ନେଉନାହାନ୍ତି। କେତେ ବେଳେ କର୍ମଚାରୀ ରହୁନାହାନ୍ତି ତ କେତେବେଳେ ପଚାରିଲେ କେବେ ମିଳିବ ସଠିକ ତଥ୍ୟ ଦେଉନାହାନ୍ତି। ଏଣୁ ବାଧ ହୋଇ ଉତ୍ୟକ୍ତ ଅଭିଭାବକ ମାନେ ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ଉପସ୍ଥିତ ଥିବା ଅଭିଭାବକ ଶ୍ୟାମସୁନ୍ଦର ରାୟ ସମେତ ଅନ୍ୟମାନେ ମତବ୍ୟକ୍ତ କରିଛନ୍ତି।

ଏସମ୍ପର୍କରେ ତହସିଲଦାର ପ୍ରକାଶ ବେହେରାଙ୍କୁ ପଚାରିବାରୁ ଆବାସିକ, ଜାତି ଆଦି ପ୍ରମାଣପତ୍ର ନ ପାଇବାରୁ ସେମାନେ ଏଭଳି ପଦକ୍ଷେପ ନେଇଥିଲେ। ଫନୀ ପାଇଁ କର୍ମଚାରୀ ମାନେ ଅଲଗା ଡ୍ୟୁଟିରେ ଯାଇଥିବା ଏବଂ ନେଟୱାର୍କ ଲିଙ୍କ ଖରାପ ରହୁଥିବାରୁ ପ୍ରମାଣପତ୍ର ପ୍ରସ୍ତୁତ କରି ଦେବାରେ ବିଳମ୍ବ ହୋଇଛି। ସେମାନଙ୍କୁ ତୁରନ୍ତ ଦେବା ବ୍ୟବସ୍ଥା କରାଯାଉଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।